## ସଂକ୍ଷେପରେ

### କୁକୁର କାମୁଡ଼ାରେ ୧୫ ଛେଳି ମୃତ

ପାରଳାଖେମୁଣ୍ଡି, ୨୫।୬(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ଝାମୀ ଗ୍ରାମରେ ପାଗଳ କୁକୁର କାମୁଡ଼ାରେ ୧୫ଟି ଛେଳି ଛୁଆଙ୍କର ମୃତ୍ୟୁ ହୋଇଛି। ଶନିବାର ରାତିରେ ଏହି ଘଟଣା ଘଟିଛି। ଝାମୀ ଗ୍ରାମର ଗୋଲାସାହି ବାସିନ୍ଦା ପି. ଆପ୍ପନା ଗୁହାଳରେ ୩୦ଟି ଛେଳି ପାଳନ କରୁଥିଲେ। ଶନିବାର ରାତିରେ ଏକ ପାଗଳା କୁକୁର ଗୁହାଳରେ ପଶି ଛେଳି ଛୁଆମାନଙ୍କୁ କାମୁଡ଼ିବା ଯୋଗୁଁ ୧୫ଟି ଛେଳିଙ୍କର ମୃତ୍ୟୁ ହୋଇଛି। ଛେଳିଗୁଡ଼ିକ ବୋବାଇବାରୁ ପାଳକ ଆପ୍ପନାଙ୍କ ସମେତ ସାହି ପଡିଶା ଦୌଡ଼ି ଆସିବାରୁ କୁକୁରଟି ଦୌଡ଼ି ଚାଲି ଯାଇଥିଲା। ଛେଳି ମାଲିକ ଆପ୍ପନା ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଯୌତୁକ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)-ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହ ହତ୍ୟା ଉଦ୍ୟମ ହୋଇଥିବା ବଡ଼ ବଜାର ଥାନାରେ ଅଭିଯୋଗ ହୋଇଛି। ଜି. ରଘୁନାଥପୁର ଗ୍ରାମର ଶ୍ରୀମତି ପାତ୍ର ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକମାନଙ୍କ ନାଁରେ ଏହି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ୨୦୧୦ ମାର୍ଚ୍ଚରେ ଶ୍ରୀମତି ତାଙ୍କ ଗ୍ରାମର ଜେ. ଜାଗାୟା ପାତ୍ରଙ୍କୁ ବିବାହ କରିଥିଲେ। ଦୁଇବର୍ଷ ପରେ ତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ଆଣିବାକୁ କହି ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଶ୍ରୀମତିଙ୍କ ୨ଟି ପୁଅ ଅଛନ୍ତି। ଗତ ୨୧ ତାରିଖରେ ସ୍ୱାମୀ, ଶ୍ୱଶୁର ଘର ଲୋକେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଶ୍ରୀମତି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୨୩/୨୩ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ରନ୍ଧାମଦ ଜବତ, ୨ ଗିରଫ

ଆସିକା,୨୫।୬(ସୁରେନ୍ଦ୍ରନାଥ ସାହୁ)-ଗାଙ୍ଗପୁର ଥାନା ଅଞ୍ଚଳରେ ଶନିବାର ପୋଲିସ ପକ୍ଷରୁ ବେଆଇନ ରନ୍ଧାମଦ କାରବାର ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧୪୫ ଲିଟର ରନ୍ଧାମଦ ଜବତ ରାଯାଇଛି। ଏଥିସହ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବେଣାପାଟ ଗ୍ରାମର ପ୍ରତାପ ନାୟକ ଓ ଭାଲିଆପଲ୍ଲୀ ଗ୍ରାମର ପିତବାସ ମଲିକ। ପ୍ରତାପଙ୍କଠାରୁ ପୋଲିସ ୮୩ ଲିଟର ରନ୍ଧାମଦ ଜବତ କରିଥିଲା। ତାଙ୍କ ବିରୋଧରେ ୪୬୬/୨୩ରେ ମାମଲା ରୁଜୁ କରାଯାଇଛି। ସେହିଭଳି ପିତବାସଙ୍କ ଠାରୁ ୬୨ ଲିଟର ରନ୍ଧାମଦ ଜବତ କରାଯାଇ ତାଙ୍କ ବିରୋଧରେ ୪୬୭/୨୩ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

### ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

ରାଇକିଆ,୨୫।୬(ପ୍ରଦୀପ ବେହେରା/ ଶିଶିର ପଟ୍ଟନାୟକ)-ରାଇକିଆ ଥାନା କତିଙ୍ଗିଆଠାରେ ଶନିବାର ମଧରାତିରେ ଦୁର୍ବୃତ୍ତମାନେ ଷ୍ଟେଟ ବ୍ୟାଙ୍କ୍ ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ କରିଛନ୍ତି। ଏଟିଏମ୍‌ରେ କେହି ସିକ୍ୟୁରିଟି ଗାର୍ଡ ନ ଥିବାରୁ ଦାୟିତ୍ୱରେ ଥିବା କର୍ମଚାରୀ ପ୍ରତ୍ୟେକ ଦିନ ଭଳି ରାତ୍ରରେ ଏଟିଏମ୍ ଶଟର ବନ୍ଦ କରିଥିଲେ। ରାତି ୨ଟା ବେଳେ ବିଦ୍ୟୁତ୍ ନ ଥିବା ସମୟରେ ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଟିଏମ୍ ଭାଙ୍ଗିବାକୁ ଉଦ୍ୟମ କରୁଥିଲେ। ହେଲେ ପୋଲିସ ପାଟ୍ରୋଲିଂ ଗାଡ଼ି ଆସିଯିବାରୁ ସେମାନେ ଚମ୍ପଟ ମାରିଥିଲେ। ପୋଲିସ ଏଟିଏମ୍‌ର କ୍ୟାଶ୍ ସୁରକ୍ଷିତ ନେଇ ଯାଞ୍ଚ କରିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରିଥିଲେ ମଧ ସେମାନେ ଫେରାର ହୋଇଯାଇଥିଲେ। ରାଇକିଆ ଆଇଆଇସି ରମାକାନ୍ତ ପାତ୍ର ପହଞ୍ଚି ସିସିଟିଭି ଯାଞ୍ଚ ଆରମ୍ଭ କରିବା ସହ ଫୋରେନ୍‌ସିକ ଟିମ୍ ମଧ ଯାଞ୍ଚକରି ଫେରିଛି।

# ନାଳରେ ଚାଲିଲା ୪ଫୁଟର ବର୍ଷା ପାଣି

■ ବର୍ଷା ଆଗରୁ ସରିପାରିଲାନି ଆମ୍ବଗୁଡ଼ା ନାଳର ପୋଲ କାମ
■ ବ୍ଲକ ମୁଖ୍ୟାଳୟ ପାଇଁ ୩ କିମି ବଦଳରେ ଯିବାକୁ ପଡୁଛି ୧୨ କିମି

ଚନ୍ଦାହାଣ୍ଡି, ୨୫।୬(ଦିଲୀପ ଦାସ)

ଲୋକଙ୍କ ସୁବିଧା ଯାତାୟତ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ଆଦି ତିଆରି କରାଉଛନ୍ତି। କିନ୍ତୁ ଠିକାସଂସ୍ଥାର ମନ୍ଥର କାମ ଲୋକଙ୍କୁ ଅସୁବିଧା କରୁଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବର୍ଷା ପୂର୍ବରୁ ସରିପାରିଲାନି ରାସ୍ତା, କଲର୍ଭଟ ଓ ନାଳ କାମ। ଏବେବି କାମ କରୁଛି ଠିକାସଂସ୍ଥା। ଅଧାପନ୍ତରିଆ ରାସ୍ତା ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏବେ ମୌସୁମୀ ବାୟୁ ପ୍ରଭାବରେ ବର୍ଷା ହେଉଛି। ଅସମ୍ପୂର୍ଣ୍ଣ ନାଳ କାମ ଯୋଗୁ ବର୍ଷାରେ ଏଥିରେ ପ୍ରାୟ ୪ଫୁଟର ପାଣି ପ୍ରଭାବିତ ହୋଇଥିଲା। ଅଧାପନ୍ତରିଆ ରାସ୍ତା ଯୋଗୁ ୩କିମି ବଦଳରେ ୧୨ କିମି ବୁଲି ଲୋକେ ବ୍ଲକ ମୁଖ୍ୟାଳୟକୁ ଯାଉଛନ୍ତି। ଏହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଚନ୍ଦାହାଣ୍ଡି ସାଲେବିଡିରୁ ଅନକାବେଡା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମିତ୍ତଲ ଇନଫାଷ୍ଟ୍ରକ୍ଚର ନାମକ ଏକ ଠିକା ସଂସ୍ଥା ଦ୍ୱାରା କରାଯାଉଛି। ବ୍ଲକର ଅନେକଗୁଡିଏ ବ୍ରିଜ ଓ ରାସ୍ତା କାମ ଏବେବି କରାଯାଉଛି। ମାଟି କାମ, ପୋଲ ନିର୍ମାଣ ଭଳି କେତେକ କାର୍ଯ୍ୟ ଶେଷ କରିବାକୁ ଏବେବି ରହିଛି। ଚନ୍ଦାହାଣ୍ଡି-ସାଲେବିଡି ରାସ୍ତାରେ ଏବେ ବରୀଗୁଡ଼ାରୁ ଅନକାବେଡ଼ା ପର୍ଯ୍ୟନ୍ତ କାମ ଚାଲିଛି। ବାରମ୍ବାର କହିବା ସତ୍ତ୍ୱେ ଉକ୍ତ ରାସ୍ତା ମଝିରେ ପଡୁଥିବା ଆମ୍ବଗୁଡା ଚାନ୍ଦଗିରି ପାଖରେ ଥିବା ନାଳରେ ଛୋଟ ବ୍ରିଜ କାମ ଠିକାସଂସ୍ଥା ତିନି ଚାରି ମାସ ଭିତରେ ସାରିପାରିଲାନି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୨ ପଞ୍ଚାୟତର ଅନେକ ଗର୍ଭବତୀ, ପ୍ରସୂତି, ଶିଶୁ, ଗୁରୁତର ରୋଗୀ ଏବଂ ଗ୍ରାମବାସୀ ବ୍ଲକ, ମେଡିକାଲ ଓ ଅନ୍ୟ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏବେ ୩ଦିନ ହେବ ବ୍ଲକରେ ବର୍ଷା ଲାଗିରହିଛି। ଅଧାପନ୍ତରିଆ ପୋଲ ଯୋଗୁ ଲୋକେ ଏବେ ୩ କିମି ବଦଳରେ ପ୍ରାୟ ୧୨ କିମି ବୁଲି ଯିବାଆସିବା କରୁଛନ୍ତି। ଏହାକୁ ନେଇ ସେମାନେ ଠିକାସଂସ୍ଥା ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୂର୍ବରୁ ଚକାମାଲ ଅନକାବେଡା ଆରଡ଼ି ରାସ୍ତାରେ ପୋଲ ପାଇଁ ରାସ୍ତାରେ ଖାଲ ଖୋଳି ଅନେକ ଦିନ ଧରି ଛାଡ଼ିଦେବାରୁ ସେଥିରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ପୋଲ କାମ ସମ୍ପର୍କରେ ଆରଡ଼ି ବିଭାଗ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ଜେନାଙ୍କୁ ପଚାରିବାରୁ, ୩/୪ ଦିନ ହେବ ବର୍ଷା ଲାଗି ରହିଛି। ବର୍ଷା ଛାଡ଼ିଲେ କାମ କରାଯିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ କାମ ତୁରନ୍ତ କାମ ସାରିବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଲୋକେ ଦାବି କରିଛନ୍ତି। ଠିକାଦାର ଗିରିଧାରୀ ଅଗ୍ରୱାଲଙ୍କୁ ପଚାରିବାରୁ ବର୍ଷା ଯୋଗୁ ପୋଲକାମ ଅଟକିଛି। ସୋମବାର ପୋଲ ଛାତ ପଡ଼ିବ। ରାସ୍ତା କାମ ପ୍ରାୟ ୬୦ ପ୍ରତିଶତ ହୋଇଗଲାଣି। ବର୍ଷା ଛାଡ଼ିଲେ ପିଚୁ ପଡ଼ିବ ବୋଲି ସେ କହିଛନ୍ତି।


ଅଧାପନ୍ତରିଆ ପୋଲ ପାଖରେ ବର୍ଷାପାଣି ।


ନବରଙ୍ଗପୁର ଜିଲା ଗୋପାଳ ଶ୍ରୀକ୍ଷେତ୍ର ଖାତିଗୁଡ଼ାରେ ବଳଭଦ୍ରଙ୍କ ପର୍ଶୁରାମ ଓ ଶ୍ରୀ ଜଗନ୍ନାଥଙ୍କ ବାମନ ଅବତାର ବେଶ।

# ଘରେ ପଶୁଛି ନାଳ ପାଣି, ଡ୍ରେନ୍ ନିର୍ମାଣ ଦାବି

■ ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ପଚପଚ
■ ଜେସିବି ସାହାଯ୍ୟରେ ନାଳ ଖୋଳି ପାଣି ନିଷ୍କାସନ କରାଯାଉଛି

ଚନ୍ଦାହାଣ୍ଡି, ୨୫।୬(ଦିଲୀପ ଦାସ)

ମୌସୁମୀ ବର୍ଷା ଯୋଗୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦରସ୍ଥିତ କେନାଲ ସାହିରେ ବର୍ଷା ପାଣି ଜମି ରହିଛି। ଏହି ପାଣି ସାହିର କେତେଜଣଙ୍କ ଘରକୁ ପଶିଯାଇଥିବା ଅଭିଯୋଗ ହୋଇଛି। ପିଡବ୍ଲୁଡି ରାସ୍ତା ଉଚ୍ଚ ହୋଇ ପାଣି ନିଷ୍କାସନ ହୋଇପାରୁ ନାହିଁ। ତେଣୁ ସେଠାରେ ଡ୍ରେନ୍ ନିର୍ମାଣ କରିବାକୁ ଦାବି ହୋଇଛି। ସାମାନ୍ୟ ବର୍ଷା ହେଲେ ମୁଖ୍ୟ ବର୍ଷା ପାଣି ଜମି ରହୁଥିବାରୁ କାଦୁଅ ପଚ ପଚ ରାସ୍ତାରେ ଯାତାୟତ ଅସୁବିଧା ହେଉଛି ବୋଲି ଲୋକେ କହିଛନ୍ତି।

ଚନ୍ଦାହାଣ୍ଡିରୁ ମାଲଗାଁ ଯାଇଥିବା ଏହି ରାସ୍ତା ପାର୍ଶ୍ୱରେ କେନାଲ ସାହି ରହିଛି। ଚନ୍ଦାହାଣ୍ଡି ସଦର ମଧ୍ୟରେ ଡ୍ରେନେଜ ବ୍ୟବସ୍ଥା ପିଡବ୍ଲୁଡି କରୁଛି। ରାସ୍ତା ପାର୍ଶ୍ୱରେ ଘରଗୁଡିକ ରହିଥିବାବେଳେ ବର୍ଷା ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାହି ମଧ୍ୟରେ ବର୍ଷାପାଣି ଜମି ରହୁଛି। ଯାତାୟାତ ସମୟରେ ଲୋକେ ଅସୁବିଧାର ଭୋଗୁଥିବାରୁ ସେମାନଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପାଣି ଜମି ରହିଥିବାରୁ ଶନିବାର ଜେସିବି ସାହାଯ୍ୟରେ ନାଳ ଖୋଳି ପାଣି ନିଷ୍କାସନ କରାଯାଇଛି। ଏହି ସ୍ଥାନରେ ତୁରନ୍ତ ଡ୍ରେନ୍ ନିର୍ମାଣ କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ନୂତନ ଭାବେ ଡ୍ରେନ୍ ନିର୍ମାଣ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ଜେସିବିରେ ନାଳ ଖୋଳାଯାଇ ପାଣି ନିଷ୍କାସନ କରାଯାଉଛି।

# ୧୦ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ଉମରକୋଟ,୨୫।୬(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଅଣଗେଜେଟେଡ ବନସେବା ସଂଘ ବୈଠକ

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ବନ ବିଭାଗର ବଙ୍ଗଳାରେ ଜିଲା ଅଣଗେଜେଟେଡ ବନ ସେବା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବନ କର୍ମଚାରୀଙ୍କ ପ୍ରତୀକାତ୍ମକ ଆନ୍ଦୋଳନ କିପରି ପରିଚାଳିତ ହେଉଛି ଏହା ଉପରେ ବୈଠକରେ ବିସ୍ତୃତଭାବେ ଆଲୋଚନା ହେଇଥିଲା। ରାଜ୍ୟ ସଂଘ ନିର୍ଦ୍ଦେଶ କ୍ରମେ ସରକାର ଦାବିନମାନିଲେ ଅଣଗେଜେଟେଡ ବନ ସେବା ସଂଘ ସମସ୍ତ ସଭ୍ୟାସଭ୍ୟ, ବନରକ୍ଷୀ, ବନପାଳ ଓ ଡେପୁଟି ରେଞ୍ଜର ସମୁହ ଛୁଟିରେ ଯିବେ ବୋଲି ବୈଠକରେ ନିଷ୍ପତି ହୋଇଛି। ଏହି ସମୟରେ ଜଙ୍ଗଲରେ ଚାରା ରୋପଣ କାର୍ଯ୍ୟ ପ୍ରଭାବିତ, ଜଙ୍ଗଲରେ କୌଣସି କ୍ଷୟକ୍ଷତି ହେଲେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ନବରଙ୍ଗପୁର ଜିଲା ଅଣ ଗେଜେଟଡ ବନସେବା ସଂଘ ଜିଲା ସଭାପତି ମଳୟ ରଞ୍ଜନ ଚେତାବନୀ ଦେଇଛନ୍ତି।

ମାସକ ମଧରେ ଶିକାରି ଗୁଳିରେ ଜଣେ ବନପାଳ ଓ ବନରକ୍ଷୀଙ୍କର ମୃତ୍ୟୁ ହୋଇଛି। ବନ କର୍ମଚାରୀଙ୍କ ନିଜ ଜୀବନ ସୁରକ୍ଷିତ ନ ଥିବା ବେଳେ କେଉଁ ମାନସିକତାରେ କର୍ମଚାରୀ ଜଙ୍ଗଲ ଜଗିବେ ବୋଲି ମଳୟ ପ୍ରଶ୍ନ କରିଛନ୍ତି। ସଂଘର ୫ ଦଫା ଦାବି ଯଦି ସରକାର ତୁରନ୍ତ ନମାନନ୍ତି ତେବେ ଜୁଲାଇ ୧୦ରୁ ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। ଜିଲା ସଭାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ସଂଘର ଆଜୀବନ ସଦସ୍ୟ ପ୍ରତାପ ଭୁଇୟା, ସାଧାରଣ ସମ୍ପାଦକ ଗୋବିନ୍ଦ ନାୟକ, ସମ୍ପାଦକ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, କୋଷାଧ୍ୟକ୍ଷ ସ୍ମିତିପ୍ରଜ୍ଞା ତ୍ରିପାଠୀ, ଗୁପ୍ତ ପ୍ରସାଦ ମହାନ୍ତି, ତନୁଜ ପରିଚ୍ଛା, ହରିହର ବ୍ରହ୍ମା, ମଧୁସୂଦନ ପାତ୍ର, ଡି.ଉମେଶ୍ୱର ନାଇଡୁ, ବିମ୍ବରାଜ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଶିମିଳିପାଳ ଅଭୟାରଣ୍ୟରେ ଶିକାରି ଗୁଳିରେ ଜଣେ ବନପାଳଙ୍କର ମୃତ୍ୟୁ ହେବାପରେ ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟର ଅଣ ଗେଜେଟଡ ବନସେବା ସଂଘ କର୍ମଚାରୀ ପ୍ରତୀକାତ୍ମକ ଅନ୍ଦୋଳନ ଜାରି ରଖିଛନ୍ତି।



ବୈଠକରେ ସଂଘ ସଦସ୍ୟମାନେ ଆଲୋଚନା କରୁଛନ୍ତି।

## ନିଆରା ବିଶ୍ୱାସର ପରମ୍ପରା
# ବଳଦେବଜୀଉଙ୍କ ଠାରେ ମୁଣ୍ଡନ ହେଲେ ଶ୍ରଦ୍ଧାଳୁ

ପାରଳାଖେମୁଣ୍ଡ, ୨୫।୬(ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ ବ୍ଲକର ପୁରାଣ ପ୍ରସିଦ୍ଧ ଐତିହାସିକ ଶୈବପୀଠ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଜିରାଙ୍ଗ ଗ୍ରାମସ୍ଥିତ ବଳଦେବଜୀଉଙ୍କ ମନ୍ଦିରଠାରେ ରଥଯାତ୍ରା ନିଆରା ଢଙ୍ଗରେ ବିଶ୍ୱାସ ଓ ପରମ୍ପରା ପ୍ରକାରେ ପାଳିତ ହୋଇଛି। ଏଠାରେ ଛୋଟ ପିଲା ଠାରୁ ବଡ଼ମାନେ ମୁଣ୍ଡନ ହେଉଥିବା ଦେଖାଯାଇଥିଲା। ପୂର୍ବରୁ ମାନସିକ ରଖିବା ଶ୍ରଦ୍ଧାଳୁମାନେ କାର୍ଯ୍ୟସିଦ୍ଧ ହେବାପରେ ଏଠାକୁ ଆସି ମୁଣ୍ଡନ ହୋଇଥିଲେ। ଏହି ଆଦିବାସୀ ବହୁଳ ଅଞ୍ଚଳର ପ୍ରତ୍ୟକ୍ଷ ଦେବତା ହେଉଛନ୍ତି ପ୍ରଭୁ ବଳଦେବ। ଶତାଧିକ ବର୍ଷର ପରମ୍ପରାରୁ ଜଣାଯାଏ ଯେ, ଏ ଅଞ୍ଚଳର ଲୋକଙ୍କ ମଧ୍ୟରେ ପ୍ରଗାଢ ବିଶ୍ୱାସ ରହିଛି ଯେ, ପ୍ରଭୁ ବଳଦେବଜୀଉଙ୍କୁ ଦର୍ଶନ କରି ମାନସିକ ରଖିଲେ ତାହା ପୂରଣ ହେବାସହ କାର୍ଯ୍ୟସିଦ୍ଧି ହୋଇଥାଏ। ମାନସିକଧାରୀମାନେ ରଥଯାତ୍ରାରେ ଲଣ୍ଡା ହୋଇ ପାର୍ଶ୍ୱରେ ପ୍ରବାହିତ ହେଉଥିବା ପୁଣ୍ୟତୋୟା ମହେନ୍ଦ୍ରତନୟା ନଦୀରେ ବୁଡ଼ ପକାଇ ସ୍ନାନ କରିବା ପରେ ଛେନାପଣା ସହ ଫଳମୂଳ ପ୍ରଭୃତି ଭୋଗଲାଗି କରି ପୂଜାର୍ଚ୍ଚନା କରିଥାନ୍ତି। ଛେନାପଣା ପ୍ରଭୁ ବଳଦେବଙ୍କ ଅତ୍ୟନ୍ତ ପ୍ରିୟ ଖାଦ୍ୟ। ତେଣୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ ଛେନାପଣା ଭୋଗ ଲାଗି କରିଆସୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାକାର ଗୌଡମାନଙ୍କ ଦ୍ୱାରା ପ୍ରସ୍ତୁତ କୋରାଇ ଭୋଗ ଲଗାଇବା ସହ ମାନସିକ କରିବା ଦ୍ୱାରା ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଏଠାରେ ଗୌଡ ସେବାୟତମାନେ ନିୟୋଜିତ ହୋଇଛନ୍ତି ।

# ନବରଙ୍ଗପୁର କ୍ରିକେଟ ଦଳ ଘୋଷଣା

ନବରଙ୍ଗପୁର,୨୫।୬(ସଦାଶିବ ପ୍ରହରାଜ)

ଆନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ

ଓଡ଼ିଶା କ୍ରିକେଟ ସଂଘ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ନବରଙ୍ଗପୁର ଜିଲା ଦଳ ଘୋଷଣା କରାଯାଇଛି। ଆଜିତା ଦାସଙ୍କ ନେତୃତ୍ୱରେ ରାଇଲା ଭତ୍ରା, ଇପ୍‌ସିତା ସୌରା, ଭାଗ୍ୟବତୀ ଭତ୍ରା, ପଦ୍ମା ମାଝି, ଅନିଶା ହିଆଲ, ମୋହିନୀ ବେହେରା, ଗୁଡି ଦୋରା, ସୌଭାଗ୍ୟ ସୌରା, ତୁଳସା ଗୌଡ଼, ଅନନ୍ୟା ପ୍ରିୟଦର୍ଶିନୀ, ଅମ୍ବିକା ପନକା, ଖାଗାରୀ ଭତ୍ରା, ସନ୍ଧ୍ୟା ହରିଜନ ଓ ଝୁଲେମା ସାନ୍ତା ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ଅଶୋକ ନାୟକ କୋଚ, ଇ. ଚନ୍ଦନା ମଲ୍ଲିକ ମ୍ୟାନେଜର ଏବଂ ଦଳର କେୟାରଟେକର ଭାବେ ଶଶାଙ୍କ ଶେଖର ବେହେରା ଦାୟିତ୍ୱ ତୁଲାଇବେ ବୋଲି ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଚୟନବେଳେ ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ସହ ସମ୍ପାଦକ ଏମ୍. ବାଲା କ୍ରିଷ୍ଣ ରାଓ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଇ ଗ୍ରୁପରେ ନବରଙ୍ଗପୁର ସହ ରାଉରକେଲା, ଭଦ୍ରକ, ଜଗତସିଂହପୁର ଓ ପୁରୀ ଦଳ ଅଛନ୍ତି।

# ଅଭିଯୋଗର ତଦନ୍ତ, କାର୍ଯ୍ୟାନୁଷ୍ଠାନ ନାହିଁ

ନବରଙ୍ଗପୁର,୨୫।୬(ସଦାଶିବ ପ୍ରହରାଜ)

୨ବର୍ଷରେ ୫ଥର ଅଭିଯୋଗ କଲେଣି ଗ୍ରାମବାସୀ, ଅଭିଭାବକ

ବିଭିନ୍ନ ସ୍ତରରେ ଦୁର୍ନୀତି ହେଉଥିବାବେଳେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବେପରୁଆଙ୍କ ମନୋବାଳ ବଢୁଛି। ସ୍କୁଲରେ ଦୁର୍ନୀତି ନେଇ ଗ୍ରାମବାସୀ, ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକ ଡିଇଓ ଓ ଜିଲାପାଳଙ୍କ ନିକଟରେ ୨ ବର୍ଷ ମଧ୍ୟରେ ୫ଥର ଅଭିଯୋଗ କରି ସାରିଲେଣି। ଘଟଣାର ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉନି। ବରଂ ନିଲମ୍ବିତ ଶିକ୍ଷକଙ୍କ କିଭଳି ଦରମା କରିଦେବା ତହାର ବାଟ ଖୋଜା ଚାଲିଛି । ଏହା ବିରୋଧରେ ଗ୍ରାମବାସୀ ଓ ଅଭିଭାବକ ଏକାଠି ହୋଇ ଡିଇଓଙ୍କ ଅଫିସ ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି।

କୋଷାଗୁମୁଡ଼ା ବ୍ଲକ କୋଟାଗାଁ ବ୍ଲକ ଗ୍ରାଣ୍ଟ ବୀର ଚାଉଁରିଆ ହାଇସ୍କୁଲର ତତ୍‌କାଳୀନ ପ୍ରଧାନ ଶିକ୍ଷକଙ୍କ ସୃଷ୍ଟିଧର ନାୟକଙ୍କ ନାମରେ ୫ମାସ ମଧ୍ୟରେ ୨ ଥର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କ ଠାରୁ ବହି ଓ ମାଟ୍ରିକ ଫର୍ମ ଫିଲପ, ଫେରୱେଲ ପାଇଁ ଟଙ୍କା ଆଦାୟ କରି ନେଇ ଯାଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୦୨୧ ଫେବୃୟାରୀ ୧୯ରେ ଡିଇଓ ଚିଠି ନମ୍ବର ୧୪୬୫ରେ ତାଙ୍କୁ ନିଲମ୍ବନ କରାଯାଇ ବିଏମ୍ ସେମଳା ବ୍ଲକ ଗ୍ରାଣ୍ଟ ହାଇସ୍କୁଲରେ ଅବସ୍ଥାପିତ କରାଯାଇଥିଲା। ନିଲମ୍ବନ ପରେ କଟାଗାଁ ହାଇସ୍କୁଲ ହଷ୍ଟେଲକୁ ଯୋଗାଇ ଦିଆ ଯାଇଥିବା ହଣ୍ଡାହାଣ୍ଡି ଡେକ୍‌ଚି ଆଦି ସେ ନେଇଗଲେ ଏବେ ଛୁଟି ପରେ ହଷ୍ଟେଲ ଓ ବିଦ୍ୟାଳୟ ଖୋଲିଲା। ଏବେ ହଷ୍ଟେଲ ଅନ୍ତେବାସୀଙ୍କ ପାଇଁ ରୋଷେଇ କରିବାରେ ସମସ୍ୟା ହେଉଛି। ଶିକ୍ଷା ବିଭାଗ କିମ୍ବା ମଙ୍ଗଳ ବିଭାଗ ନୂଆ ହଣ୍ଡାଡେକ୍‌ଚି ଯୋଗାଉ ନାହାନ୍ତି। ଗ୍ରାମବାସୀ ଦୀର୍ଘ ଦୁଇ ବର୍ଷ ହେବ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲେ ବି ଜିଲା ଶିକ୍ଷା ବିଭାଗ ନୀରବ ରହୁଛି। ଗ୍ରାମବାସୀ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସମ୍ବଳିତ ଏକ ଲିଖିତ ଅଭିଯୋଗ ଡିଇଓ ଓ ଜିଲାପାଳଙ୍କୁ ଫେବୃୟାରୀ ୨୨ରେ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଘଟଣାର ତଦନ୍ତ ହେବ ବୋଲି କହିଥିଲେ ବି କୌଣସି ଅଗ୍ରଗତି ନାହିଁ। କୋଭିଡ ସମୟରେ ଛାତ୍ରୀଛାତ୍ରଙ୍କୁ ସରକାର ପ୍ରଦାନ କରିଥିବା ୨୨୫୦ ଟଙ୍କା ଲେଖାଏ ନ ଦେଇ ୭ଜଣଙ୍କ ଦସ୍ତଖତ ତତ୍‌କାଳୀନ ପ୍ରଧାନଶିକ୍ଷକ ଉଠାଇ ନେଇ ଯାଇଥିବା ଅଭିଯୋଗ ରହିଛି। ତତ୍‌କାଳୀନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହଷ୍ଟେଲ ପରିଚାଳନାର ଆକୁଟାନ୍ସ, କ୍ୟାସବୁକ, ପାସବୁକ ଓ ଷ୍ଟକ ଲିଷ୍ଟ ଏଯାଏ ପ୍ରଦାନ କରି ନାହାନ୍ତି। ଏବେବି ଜିଲା ଶିକ୍ଷା ଅଧିକାରୀ ତଦନ୍ତ ହେବ କହୁଛନ୍ତି। ଗତ ଦିନମାନଙ୍କରେ ଲମ୍ବା ଛୁଟିରେ ଥିବା ଶିକ୍ଷକଙ୍କୁ ଦରମା ପ୍ରଦାନ ଘଟଣାରେ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ପରେ ଜିଲା ଶିକ୍ଷା ଅଧିକାରୀ ତଦନ୍ତ ହୋଇନାହିଁ। ଏବେ ଏହି ଘଟଣା ମଧ୍ୟ କେଉଁ ଆଳରେ ଚାପି ହୋଇ ରହିଯିବକି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଅଭିଯୋଗ ସମ୍ପର୍କରେ ପ୍ରଧାନଶିକ୍ଷକ ଘଟଣାକୁ ସୃଷ୍ଟିଧର ନାୟକଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ବର୍ଷାରେ ଧୋଇଗଲା ରାସ୍ତାର ପିଚୁ

ଚନ୍ଦାହାଣ୍ଡି, ୨୫।୬(ଦିଲୀପ ଦାସ)

ନିମ୍ନମାନର କାମ ହୋଇଥିବା ଅଭିଯୋଗ

ଜନସାଧାରଣଙ୍କ ଗମନାଗମନ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ତିଆରି କରିଛନ୍ତି।

ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁ ରାସ୍ତାରେ ପକା ଯାଇଥିବା ପିଚୁ ବର୍ଷାରେ ଧୋଇ ଯାଇଛି। ନିର୍ମାଣାଧୀନ କଲଭର୍ଟ ଅସମ୍ପୂର୍ଣ୍ଣ ହୋଇ ପଡ଼ିଥିବା ଯୋଗୁ ବର୍ଷା ମାସରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହିଭଳି ଦେଖିବା କୁ ମିଳିଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସାଲେବିଡିରୁ ବରିଗୁଡା ଆରଡ଼ି ବିଭାଗ ନିର୍ମାଣଧୀନ ପ୍ରଧାନମନ୍ତ୍ରୀ ରାସ୍ତାରେ। ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ପହିଲି ବର୍ଷାରେ ପିଚୁ ଉଠିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ସୂଚନା ମୁତାବକ ଚନ୍ଦାହାଣ୍ଡି ସଦରକୁ ଅନକାବେଡା, ଘୁଙ୍ଗୁଟିପଡା, ନୂଆପଡା ଭାୟା ସାଲେବିଡି, ବାରୀଗୁଡା ଦେଇ ଯାତାୟତ କରିବା ପାଇଁ ୨୦୨୧/୨୨ ଆର୍ଥିକ ବର୍ଷରେ ୫୩୭.୭୩ ଲକ୍ଷ ଅଟକଳ ମୂଲ୍ୟର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମଞ୍ଜୁର ହୋଇଥିଲା। ଏହାର ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ନିର୍ମାଣ ପାଇ ନୂଆପଡା ଜିଲାର ଏକ କମ୍ପାନୀକୁ ଠିକା ଦାୟିତ୍ୱ ଦିଆଯାଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ରାସ୍ତାରେ ଥିବା କଲଭର୍ଟ କାମ ଅସମ୍ପୂର୍ଣ୍ଣ ଥିବାରୁ ଲୋକେ ଯାତାୟତରେ ଅସୁବିଧା ଭୋଗୁଛନ୍ତି। ଏପଟେ ସାଲେବିଡିରୁ ଜୁନାପାଣି ରାସ୍ତା ପାଖରେ ପକା ଯାଇଥିବା ପିଚୁ ପ୍ରଥମ ବର୍ଷାରେ ଧୋଇଯାଇଛି। ଏଥିସହ ଏହାର ଦୁଇ ପାର୍ଶ୍ୱରେ ପକା ଯାଇଥିବା ମାଟି ଧସି ଆଁ କରିବାକୁ ବସିଲାଣି । ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏଥିସହ ଏହାର ଉଚିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଅର୍ଜୁନ ମୁଦୁଲିଙ୍କୁ ପଚାରିବାରୁ ରଜପର୍ବ ସମୟରେ ରାସ୍ତାରେ ପିଚୁ ପକା ଯାଇଥିଲା। ଏହା ଜମିବା ପାଇଁ ମାସେ ସମୟ ନେଇଥାଏ। ଏହାପୂର୍ବରୁ ବର୍ଷା ହେବାରୁ ପିଚୁ ଉଠି ଯାଇଛ। ପିଚୁ ଉଠିଥିବା ରାସ୍ତାରେ ପୁନଃ ପିଚୁ ପକାଯିବ ବୋଲି ସେ କହିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବା ଲୋକେ ଦାବି କରିଛନ୍ତି।


ରାସ୍ତାରୁ ଉଠିଯାଇଥିବା ପିଚୁ ।

## ସଂକ୍ଷେପରେ

### କଙ୍ଗା-ଉମୁରାପଣ୍ଡି ଯାଏ ପକ୍କା ରାସ୍ତା ନିର୍ମାଣ ଦାବି

ଜୟପୁର, ୨୫।୬ (ପବନ ପାଣିଗ୍ରାହୀ)- ଜୟପୁର ବ୍ଲକର କଙ୍ଗା ପଞ୍ଚାୟତର କଙ୍ଗା ଷ୍ଟେସନଠାରୁ କୋଟପାଡ ବ୍ଲକର ଉମୁରାପଣ୍ଡି ଗ୍ରାମ ଯାଏ ଏପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ। ମାଟି ରାସ୍ତା ହିଁ ଭରସା । ଏହି ରାସ୍ତ ଉପରେ ୫ଟି ଗ୍ରାମ କାଟଲାଗୁଡା, ଗୁଞ୍ଜିଗୁଡା,ଖୁଟୁଗୁଡା ରାଉଳିଗୁଡା, ପାକୁଲୁଗୁଡାର ଗ୍ରାମବାସୀ ନିର୍ଭର କରନ୍ତି। ଜୟପୁର ଆସିବାକୁ ସେମାନେ ଉକ୍ତ ରାସ୍ତା ହିଁ ବ୍ୟବହାର କରିଥାନ୍ତି। ଜୟପୁର ବ୍ଲକର କାଟଲାଗୁଡା ଗ୍ରାମରେ ୨୫୦ ଲୋକ ବସବାସ କରୁଥିବା ବେଳେ ଗୁଞ୍ଜିଗୁଡାରେ ୨୩୦, ଖୁଟୁଗୁଡା ୧୦୦, ରାଉଳିଗୁଡାରେ ୬ ଶହ, ପାକୁଲୁଗୁଡାରେ ୧୭୦ ଗ୍ରାମବସୀ ବସବସ କରନ୍ତି। ଏହି ଗ୍ରାମବାସୀଙ୍କ ପାଇଁ ଏଯାଏ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ମାଟି ରାସ୍ତା ଯୋଗୁ ଗ୍ରାମବାସୀ ଯତାୟାତରେ ବହୁ ହଇରାଣ ହେଉଛନ୍ତି। ବାରମ୍ବାର ଦାବି କଲେ ମଧ ବିଭାଗ ପକ୍କା ରାସ୍ତା ନିର୍ମାଣ କରୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୨ ବ୍ଲକର ୩୬ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ

କୋରାପୁଟ,୨୫।୬(ଅମିତାଭ ବେହେରା)- କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଦକ୍ଷତା ବୃଦ୍ଧି ତଥା ଶିଶୁମାନଙ୍କ ବିକାଶ ନେଇ ବିକ୍ରମଶିଳା ଏଜୁକେଶନ ରିସର୍ଚ୍ଚ ସୋଇଟି (ଭିଇଆରଏସ୍) ଏବଂ ନୀତି ଆୟୋଗ ପକ୍ଷରୁ ଏକ ତାଲିମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଓ ସେମିଳିଗୁଡା ବ୍ଲକର ୧୦ଟି ଅଙ୍ଗନୱାଡି କେନ୍ଦ୍ରର ୩୬ ଜଣ ଅଙ୍ଗନୱାଡି କର୍ମୀ ତାଲିମ ନେଇଥିଲେ। ଏହି ତାଲିମ ଅଧିବେଶନକୁ ଜିଲା ଯୋଜନା ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଓ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ବିଦ୍ୟୁତଲତା ପାତ୍ର ଉଦ୍‌ଘାଟନ କରିଥିଲେ। ପିଲାଙ୍କ ବାଲ୍ୟକାଳର ବିକାଶକୁ ପ୍ରାଥମିକତା ଦେବାରେ ସରକାରଙ୍କ ପ୍ରତିବଦ୍ଧତାକୁ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପିଲାମାନଙ୍କ ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟରେ ସେମାନଙ୍କ ଉପଯୁକ୍ତ ଯତ୍ନ ନେଇ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରାଯାଇ ଉପସ୍ଥିତ ଅଙ୍ଗନୱାଡି କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗ୍ରାମରେ ୬ଶହ ବୃକ୍ଷରୋପଣ କଲେ ସ୍ୱିପ୍ତା କର୍ମକର୍ତ୍ତା



ଜୟପୁର, ୨୫।୬ (ପବନ ପାଣିଗ୍ରାହୀ)- ଜୟପୁର ବ୍ଲକ ଅନ୍ତର୍ଗତ ଛତଡିପୁଟଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱିପ୍ତା ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବର ଅନୁଷ୍ଠିତ ହୋଇଛି। ଏହି ଗ୍ରାମରେ ଥିବା ଶହେ ଘରେ ବୃକ୍ଷ ରୋପଣ କରାଯାଇଥିଲା। ପ୍ରତି ପରିବାରର ଘରେ ୬ଟି ଲେଖାଏ (ମୋଟ ୬ଶହ) ବୃକ୍ଷରୋପଣ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟମାନେ ଗ୍ରାମବାସୀଙ୍କୁ ସଚେତନ କରି ଏହି ବୃକ୍ଷ ଗୁଡିକର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ।

ଫଟୋ: କର୍ମକର୍ତ୍ତାମାନେ ଜଣେ ବ୍ୟକ୍ତିଙ୍କ ବାଡିରେ ବୃକ୍ଷରୋପଣ କରୁଛନ୍ତି।

# ଆନ୍ଧ୍ର, ଛତିଶଗଡ଼ ବ୍ୟବସାୟୀଙ୍କୁ ବିକୁଛନ୍ତି ଧାନ

**ମଣ୍ଡିକୁ ମୁହଁ ମୋଡୁଛନ୍ତି ଚାଷୀ**

- ଯୋଗାଣ ବିଭାଗ, ପୋଲିସର ନଜର ନାହିଁ
- କଟନୀଛଟନୀରେ ଚାଷୀ ହେଉଛନ୍ତି ହନ୍ତସନ୍ତ
- ଗଳିକନ୍ଦି ବୁଲି ସହର ପାର ହୋଇ ଧାନଧରି ପାର

କୋଟପାଡ଼, ୨୫।୬(କେ.ରାଜ ଶେଖର ରାଓ )

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଚଳିତ ବର୍ଷ ରବି ଧାନମଣ୍ଡି ପ୍ରଶାସନ ପକ୍ଷରୁ ଚାଲିଛି। ତେବେ ଗତ କିଛି ଦିନ ଧରି ଟ୍ରକ ଟ୍ରକ ଧାନ ଆନ୍ଧ୍ର, ଛତିଶଗଡ଼ ଚାଲାଣ ହେବା ମଣ୍ଡି ପରିଚାଳନା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୌଣସି ପ୍ରଶାସନିକ ଅଧିକାରୀ ଏହାର ତଦନ୍ତ କରୁ ନ ଥିବାରୁ ବ୍ୟବସାୟୀ ଓ ମିଲର ବେଶ୍ ଉପକୃତ ହେଉଛନ୍ତି। ଚାଷୀ ମଣ୍ଡିରେ ଧାନ ଆଣି ବିକ୍ରି କଲେ କୁଇଣ୍ଟାଲ ପିଛା ୫/୭ କେଜି ମିଲର କାଟୁ ଥିବା ଚାଷୀ ଅଭିଯେଗ କରିଛନ୍ତି । ପ୍ରଶାସନିକ ଅଧିକାରୀମାନେ ଜାଣି ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏନେଇ ଚାଷୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

କୋଟପାଡ଼ ଅଞ୍ଚଳରେ ଚାଷୀ ମଣ୍ଡିରେ କଟନୀଛଟନୀରେ ଅତିଷ୍ଠ ହୋଇ ବାହାର ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି। ବ୍ୟବସାୟୀମାନେ ଜାତୀୟ ରାଜପଥରେ ଟ୍ରକ ଲଗାଇ ସେଥିରେ ଓଭର ଲୋର୍ଡ କରି ପ୍ରଶାସନର ବିନା ଅନୁମତିରେ ଗଳି କନ୍ଦି ଦେଇ ସହର ଶେଷ ମୁଣ୍ଡରେ ପହଞ୍ଚି ଧାନ ଧରି ଚାଲିଯାଉଥିବା ଦେଖିବାକୁ ମିଳୁଛି। ଏହାକୁ ନା ଆରଟିଓ ନା ସ୍ଥାନୀୟ ଯୋଗାଣ ବିଭଗ କେହି ଯାଞ୍ଚ କରନାହାନ୍ତି। ରବିବାର ଘୁମର ପଞ୍ଚୟତରୁ ଏକ ଟ୍ରକ ଅଭର ଲୋଡ଼ କରି ଧାନ କେନ୍ଦୁଗୁଡା ଦେଇ ଜାତୀୟ ରାଜପଥକୁ ଯାଉଥିବା ବେଳେ ସମବାୟ କାର୍ଯ୍ୟାଳୟ ସମୁଖରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ତାର ଛିଣ୍ଡିବା ସହ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିଲା ଉପସ୍ଥିତ ଲୋକେ ତୁରନ୍ତ ବିଦ୍ୟୁତ୍ ଭିବାଗକୁ ଖବର ଦେବାରୁ କର୍ମଚାରୀମନେ ଆସି ତୁରନ୍ତ ବିଦ୍ୟୁତ୍ କାଟିଥିଲେ । ପରେ ସ୍ଥାନୀୟ ଲୋକେ ଏହି ଧାନ ଟ୍ରକକୁ ଅଟକାଇ ଧାନ କାହାର, କେଉଁଠାରୁ ଆସିଛି ପଚରାଉଚରା କରି ଏ ସମ୍ପର୍କରେ ସ୍ଥାନୀୟ ଯୋଗାଣ ବିବାଗ ଅଧିକାରୀ, ଏବଂ ପୋଲିସକୁ ଖବର ଦେଇଥିଲେ । ମାତ୍ର କେହି ମଧ ଘଟଣାକୁ ଯାଞ୍ଚ କରିବାକୁ ଆସି ନ ଥିଲେ। ଏନେଇ ଏସଆଇ ସୁନୀଲ ସ୍ୱାଇଁଙ୍କୁ ପଚାରିବାରୁ ଓଭର ଲୋଡ଼ ଭାରିଯାନଗୁଡିକୁ ଆରଟିଓ ବିଭାଗ ଯାଞ୍ଚ କରିବ ବୋଲି କହିଥିଲେ । ସେହିପରି ଯୋଗାଣ ଭିବାଗ ଅଧିକାରୀ ସନ୍ତୋଷ ବେହେରାଙ୍କୁ ଯୋଗାଯୋଗ କରିବାରୁ ଚାଷୀ ନିଜ ଇଚ୍ଛାରେ ଧାନ ବିକ୍ରି କରୁଛନ୍ତି, ଏଥିରେ ଆମେ କଣ କରିପାରିବୁ। ଏବିଷୟରେ ଆମେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଥିଲେ। ଜୟପୁରସ୍ଥିତ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।



ବାହାର ରାଜ୍ୟକୁ ଧାନ ଧରି ଯାଉଥିବା ଟ୍ରକ।

# ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କଲେ ସମ୍ପର୍କୀୟ



ରାସ୍ତା ଅବରୋଧ କରି ଧାରଣାରେ ବସିଥିବା ସମ୍ପର୍କୀୟମାନେ।

**ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ**

ବୈପାରିଗୁଡା,୨୫।୬(କଳ୍ପତରୁ ମହାନ୍ତି)

ବୈପାରିଗୁଡା-ମାଲକାନାଗିରି ଜାତୀୟ ରାଜପଥରେ ଏଠାରୁ ପ୍ରାୟ ୨ କି.ମି. ଦୂରରେ ଏକ କୋଇଲା ବୋଝେଇ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଚନ୍ଦ୍ର ଖିଲ (୨୮) । ଘର ମାଛକୁଣ୍ଡ ଥାନା ଅନ୍ତର୍ଗତ ଖଡାଗୋଜି ଗ୍ରାମରେ ବୋଲି ଜଣାପଡିଛି। ଖବରରୁ ପ୍ରକାଶ, ଚନ୍ଦ୍ର ଶନିବାର ବୈପାରିଗୁଡା ବ୍ଲକର ମୁଦୁଲିଗୁଡା ଗ୍ରାମରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ କୌଣସି କାମରେ ଆସିଥିଲେ। କାମ ସାରି ସେ ରବିବାର ନିଜ ଘର ଖଡାଗୋଜି ଗ୍ରାମକୁ ଯଉଥିଲେ। ମାତ୍ର ଉପରୋକ୍ତ ସ୍ଥାନରେ ଟ୍ରକଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ଚକା ତଳେ ପଡିଯାଇ ଚାପି ହୋଇ ଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଟ୍ରକ ଡ୍ରାଇଭର ବୈପାରିଗୁଡା ଥାନାରେ ଆତ୍ମସମର୍ପଣ କରିଛନ୍ତି। ତେବେ ମୁଦୁଲିଗୁଡାରେ ଥିବା ଚନ୍ଦ୍ରଙ୍କ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ରାସ୍ତା ଅବରେଧ କରି ବସିଛନ୍ତି। ଫଳରେ କିଛି ସମୟ ପାଇଁ ଉକ୍ତ ରାସ୍ତରେ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ସମ୍ମତି ନ ଦେବାରୁ ବ୍ୟବଚ୍ଛେଦ ହୋଇପାରିନାହିଁ । ସ୍ଥାନୀୟ ତହସିଲଦାର, ଥାନା ଅଧିକାରୀ ଓ ଜୟପୁର ଏସଡିପିଓ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ସୋମବାର ଟ୍ରକମାଲିକଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଧର୍ମଲାଲ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ସଂଯୁକ୍ତ ମୋର୍ଚ୍ଚାର ଜିଲାସ୍ତରୀୟ ସମାବେଶ**

କୋରାପୁଟ, ୨୫।୬(ଅମିତାଭ ବେହେରା )

କୋରାପୁଟ ଜିଲ୍ଲା ଏସି ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗୀରଥି ପାର୍ଟଣିଆଙ୍କ ପରିଚାଳନାରେ ରବିବାର କୋରାପୁଟ ଟାଉନହଲ୍‌ଠାରେ ସଂଯୁକ୍ତ ମୋର୍ଚ୍ଚାର ଏକ ଜିଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ଶାସନର ପୂର୍ତ୍ତି ଅବସରରେ ସଂଯୁକ୍ତ ମୋର୍ଚ୍ଚା ଏହି ସମାବେଶ କରିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତିଶଗଡ଼ ବିଧାନସଭାର ବିରୋଧୀ ଦଳନେତା ଧର୍ମଲାଲ କୌଶିକ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ୯ ବର୍ଷର ଶାସନରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, ରାଜ୍ୟ ଏସି ମୋର୍ଚ୍ଚା ସଭାପତି କାଳିରାମ ମାଝୀ, କିଷାନ ମୋର୍ଚ୍ଚା ସଭାପତି ବିପଦ ଭଞ୍ଜନ ଦାସ, ବିଜୟ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନହିତାଧିକାରୀ ଯୋଜନାକୁ ପ୍ରତି ଗ୍ରାମରେ ପହଞ୍ଚାଇବା ସଂଯୁକ୍ତ ମୋର୍ଚ୍ଚାର ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ହାଇଜାକ କରି ନିଜ ନାମରେ କରି ସାଧାରଣ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ସବୁ ରାଜ୍ୟରେ ଓବିସି ଲାଗୁ ହେଲା ମାତ୍ର ରାଜ୍ୟ ସରକାର ଓଡ଼ିଶାରେ ଏହା ଲାଗୁ କଲେନାହିଁ। ପୋଖରୀରୁ ପଙ୍କ ଉଦ୍ଧାର କରି ଅମୃତ ସରୋବର ନାମରେ ଆସିଥିବା ଟଙ୍କା ହଡପ ହୋଇଛି। ରାଜ୍ୟର ଶ୍ରମିକଙ୍କ କାର୍ଯ୍ୟ ମେଶିନ ଦ୍ୱାରା କରାଯାଉଥିବାରୁ ଶ୍ରମିକମାନେ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଅତିଥିମାନେ ଅଭିଯୋଗ କରିଥିଲେ। ସମାବେଶରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ, ଚୈତନ୍ୟ ହନ୍ତାଳ, ସଞ୍ଜୀବ ରାଓଙ୍କ ସମେତ ଜିଲାର ୫ଟି ନିର୍ବାଚନ ମଣ୍ଡଳୀରୁ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ ।





କୋରାପୁଟ ଶାବର ଶ୍ରୀକ୍ଷେତ୍ର ଓ ଜୟପୁର ମାଉସୀମା' ମନ୍ଦିରରେ ଶ୍ରୀ ଜୀଉ ବାମନ ଓ ପର୍ଶୁରାମ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।

# ଇଲେଭେନ ଷ୍ଟାର ଟିମ ଚାମ୍ପିୟନ

**ପଦୁ ଖରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ନନ୍ଦପୁର, ୨୫।୬(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ଥାନା ଅନ୍ତର୍ଗତ ଲମତାପୁଟ ବ୍ଲକ ଚିକରପଡ଼ା ପଞ୍ଚାୟତର ହୀରାପୁଟ ଗ୍ରାମରେ ଆୟୋଜିତ ପଦୁ ଖରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଅରଣା ଟିମ୍ ଆୟୋଜକ ହୀରାପୁଟ ଇଲେଭେନ ଷ୍ଟାର ଟିମ୍‌କୁ ଭେଟିଥିଲା। ଏଥିରେ ହୀରାପୁଟର ଇଲେଭେନ ଷ୍ଟାର ଅରଣା ଟିମ୍‌କୁ ହରାଇ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ୧୨ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ଇଲେଭେନ ଷ୍ଟାର ଟିମ୍ ବ୍ୟାଟିଂ କରି ୧୦୫ ରନ କରିଥିଲା। ପରେ ଅରଣା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୦୨ ରନ କରିଥିଲା। ଫଳରେ ଇଲେଭେନ ଷ୍ଟାର ଟିମ୍ ଚାମ୍ପିୟନ ହୋଇଥିଲା। ଗତ ୧୪ ତାରିଖରୁ ଚାଲିଥିବା ଏହି ଟର୍ନାମେଣ୍ଟରେ ବିଭିନ୍ନ ଅଞ୍ଚଳରୁ ୧୬ଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ତୁଳସୀ କିସାନୀ, ନନ୍ଦପୁର ବ୍ଲକ ଆମ୍ବା ଅଧକ୍ଷ ମୁନା ଦଳପତି ପ୍ରମୁଖ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ମାନପତ୍ର ଟ୍ରଫି ଓ ଆର୍ଥିକ ପୁରସ୍କାର ଦେଇ ପୁରସ୍କୃତ କରିଥିଲେ। ସ୍ଥାନୀୟ ୱାର୍ଡସଭ୍ୟ ଭଗବାନ ଜାଲା, ଗଣନାଥ ମୁଦୁଲିଙ୍କ ସମେତ ଆୟୋଜକ ଦଳର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ। ମ୍ୟାଚ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଜନସମାଗମ ହୋଇଥିଲା।

### ଡିମଳାରେ ଅବକାରୀ ଚଢାଉ

ଜୟପୁର, ୨୫।୬ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ସଦର ଥାନା ଅନ୍ତର୍ଗତ ଡିମଳାରେ ଚଢାଉ କରିଥିଲେ। ଏହି ସମୟରେ କୌଣସି ପ୍ରକାରେ ସୂଚନା ପାଇ ଚୋର ମଦ କାରବାର କରୁଥିବା ବ୍ୟକ୍ତିମାନେ ଫେରାରହୋଇଯାଇଥିଲେ। ତେବେ କର୍ମଚାରୀମାନେ ଘଟଣାସ୍ଥଳରୁ ୬ ଶହ ଲିଟର ପୋଚ ଓ ୬୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ।

# ଦେଓମାଳି ଦଳ ବିଜୟୀ





ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ଷ୍ଟାର୍ ସିକ୍ସ ଭଲିବଲ ଟୁର୍ଣ୍ଣାମେଣ୍ଟ୍ ଉଦଯାପିତ**

ପଟ୍ଟାଙ୍ଗି,୨୫।୬(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ନୁଆସାହି ନିକଟରେ ୧୧ ଦିନ ଧରି ଚାଲିଥିବା ଷ୍ଟାର୍ ସିକ୍ସ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଦେଓମାଳି ସହ ଷ୍ଟାର୍ ସିକ୍ସ-ବି ଦଳ ମଧ୍ୟରେ ମ୍ୟାଚ ହୋଇଥିଲା ମ୍ୟାଚରେ ଧାର୍ଯ୍ୟ ସମୟ ସୀମା ଏକ ଘଣ୍ଟା ରଖାଯାଇଥିଲା। ତେବେ ଏହି ସମୟ ସୀମାର ଅଧଘଣ୍ଟା ମଧ୍ୟରେ ଦେଓମାଳି ୧୪ ପଏଣ୍ଟ ହାସଲ କରି ବିରତି ନେଇଥିଲା। ପରେ ମ୍ୟାଚର ଦ୍ୱିତୀୟ ପର୍ଯ୍ୟାୟରେ ଦେଓମାଳି ଆଉ ୧୮ ପଏଣ୍ଟ ଏପରି ମୋଟ ୩୦ ପଏଣ୍ଟ ହାସଲ କରିଥିଲା। ପରେ ଷ୍ଟାର୍ ସିକ୍ସ-ବି ଦଳ ଦେଓମାଳିର ପଏଣ୍ଟ ହରକୁ ପିଛା କରି ଖେଳିଥିଲେ ମଧ ଏହି ଦଳ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରି ନ ଥିଲା। ଷ୍ଟାର୍ ସିକ୍ସ-ବି ମାତ୍ର ୧୧ ପଏଣ୍ଟ ପାଇଥିଲା। ଫଳରେ ଦେଓମାଳି ଦଳ ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲା ପୋଲିସର ତୃତୀୟ ବାଟାଲିୟନ ୟୁନିୟନର ଜିଲା ସଭାପତି ଜୟରାମ ପୂଜାରୀ ଏବଂ ସମ୍ମାନିତ ଅତିଥି ରୂପେ ଆୟୋଜକ ଦଳ ଷ୍ଟାର୍ ସିକ୍ସର ସଭାପତି ଖିଲ କାର୍ତ୍ତିକ, ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି, ସମିତି ସଭ୍ୟା ଶିବାନୀ ନାୟକ, ସାମାଜିକ କର୍ମୀ ରାଜେନ୍ଦ୍ର ବାଘ, ୱାର୍ଡ ସଭ୍ୟ ଅର୍ପଣ ହିମିରିକା ପ୍ରମୁଖ ଯୋଗଦେଇ ବିଜୟୀ ଦେଓମାଳି ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସେହିପରି ରନର୍ସଅପ୍ ଷ୍ଟାର୍ ସିକ୍ସ ବି ଦଳକୁ ଅତିଥିମାନେ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଦିବସରେ ମୋଟ ୨୪ଟି ଦଳ ଅଂଶ ଗ୍ରହଣ କରିଥିଲେ।

# ବାଇକ୍‌ରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

ଜୟପୁର, ୨୫।୬ (ପବନ ପାଣିଗ୍ରାହୀ)

ଜୟପୁର ଘାଟିରେ ଜଣେ ଯୁବକ ଭାରସ୍ୟାମ ହରାଇ ବାଇକରୁ ତଳେ ପଡି ଗୁରୁତର ହୋଇଥିଲେ। ତାଙ୍କ ନାମ ଭୀମ ଜାନି(୨୦)। ସେ କୌଣସି କାର୍ଯ୍ୟରେ ଜୟପୁର ଆସୁଥିବା ବେଳେ ଏପରି ଘଟିଛି। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏନେଇ ସଦର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ୭୨ ଗ୍ୟାସ ସିଲିଣ୍ଡର ଜବତ, ୨ ଗିରଫ

**ଜାମୁଣ୍ଡାରୁ ପାଡୁଆ ଚାଲାଣ ହେଉଥିଲା**

ନନ୍ଦପୁର, ୨୫।୬(ଶଙ୍କର ପୂଜାରୀ)

ଅତ୍ୟାବଶ୍ୟକ ସାମଗ୍ରୀ ଗ୍ୟାସ ସିଲିଣ୍ଡର ଚୋରା କାରବାର ଉପରେ ରବିବାର ନନ୍ଦପୁର ପୋଲିସର ଚଢ଼ାଉ କରିଛି। ଏହି ସମୟରେ ୭୨ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଏଥିରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ ଜବତ ହେବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଖବରରୁ ଜଣପଡିଛି, ବୋରିଗୁମ୍ମା ବ୍ଲକ ଜାମୁଣ୍ଡାରେ ଥିବା ଏକ ଗ୍ୟାସ ବିତରକ ସଂସ୍ଥାରୁ ଭାରତ ଗ୍ୟାସ ସିଲିଣ୍ଡର୍ ପିକଅପ ଭ୍ୟାନରେ ପାଡୁଆ ଚାଲାଣ ହେଉଥିବା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ସୂଚନା ପାଇ ଉକ୍ତ ଗାଡିକୁ ପିଛାକରି ବାଟରେ ଅଟକାଇ ପଚରାଉଚରା କରିଥିଲେ। ପରେ ସେ ଏ ସମ୍ପର୍କରେ ରାଣୀତୋଟା ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲା। ପରେ ନନ୍ଦପୁର ପୋଲିସ ପହଞ୍ଚି ଉକ୍ତ ଗ୍ୟାସ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରିଥିଲା। ଏନେଇ ଥାନାରେ ଅତ୍ୟାବଶ୍ୟକ ସାମଗ୍ରୀର ଚୋରା ଚାଲାଣ ସହ ସମ୍ପୃକ୍ତା ମହିଳାଙ୍କୁ ଧମକଚମକ ଦେବା ଅଭିଯୋଗରେ ୨ଟି ମାମଲା (୭୬/୨୦୨୩) ଓ (୭୫/୨୦୨୩) ରୁଜୁ ହୋଇଛି। ଭ୍ୟାନ ଚାଳକ ରାମ ଭତ୍ରା ଓ ସହାୟକ ଘେନୁ ପରିଜାଙ୍କୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ଗ୍ୟାସ ବିତରକ ସଂସ୍ଥାର ମାଲିକ ଦ୍ରୌପଦୀ ଭତ୍ରା କହିଛନ୍ତି, ଜୟପୁର ମାରୁତି ଗ୍ୟାସ ବିତରକଙ୍କ ପାଡୁଆ ଅଞ୍ଚଳରେ ଥିବା ଗ୍ୟାସ ବିତରଣ କେନ୍ଦ୍ରରୁ ଗ୍ରାହକ ମାନଙ୍କୁ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ ଏହା ନିଆଯାଉଥିଲା। ମାତ୍ର ସମ୍ପୃକ୍ତା ମହିଳା ଯିଏ କି ନିଜକୁ ଜଣେ ଖବରଦାତା ରୂପେ ଦାବି କରନ୍ତି ସେ ଗତ ୨୨ତାରିଖରେ ବିତରଣ କେନ୍ଦ୍ରକୁ ଆସି ଅର୍ଥ ମାଗିଥିଲେ। ଏହା ନ ଦେବାରୁ ଆକ୍ରୋଶମୂଳକ ଭାବେ ରବିବାର ଆମର ଯାଉଥିବା ଗ୍ୟାସ ବୋଝେଇ ଭ୍ୟାନକୁ ରାସ୍ତାରେ ଅଟକାଇ ପୋଲିସ ଡାକିପୋଲିସ ଜିମାରେ ଦେଇଛନ୍ତି। ମୋ ସ୍ୱାମୀ ପିକଅପ ଭ୍ୟାନଚାଳକଙ୍କୁ ଗିରଫ କରାଇଛନ୍ତି ବୋଲି କହିଛନ୍ତି। ତେବେ ଅର୍ଥ ମାଗିବା କଥାକୁ ଖବରଦାତା ରୂପେ ନିଜକୁ କହୁଥିବା ସମ୍ପୃକ୍ତା ମହିଳା ଖଣ୍ଡନ କରିଛନ୍ତି। ବୋରିଗୁମ୍ମା ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ସେ ସୂଚନା ପାଇ ଉକ୍ତ ଗାଡିକୁ ପିଛା କରିଥିଲେ। ଏଥିରେ ଗ୍ୟାସ ସିଲିଣ୍ଡର ଯାଉଥିବା ଜାଣିବା ପରେ ସେ ଏନେଇ ପୋଲିସକୁ ସୂଚନା ଦେଇଥିଲେ ବେଲି କହିଛନ୍ତି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏସଆଇ ଦିପ୍ତିମୟୀ ଧାରୁଆ ନେଇଥିବା ଥାନା ଅଧିକାରୀ ପ୍ରଫୁଲ୍ଲ ଲାକ୍ରା କହିଛନ୍ତି। ଜୟପୁର ଯୋଗାଣ ଅଧିକାରୀ ଓ ଜିଲାରେ ଭାରତ ଗ୍ୟାସ ବିତରଣ ପାଇଁ ନିଯୁକ୍ତ ସେଲ୍ସ ଅଫିସରଙ୍କୁ ଜବତ ସିଲିଣ୍ଡର୍ ସମ୍ପର୍କରେ ଅବଗତ କରାଯାଇଛି। ସମ୍ପୃକ୍ତା ଖବରଦାତାଙ୍କ ବୈଧତା ଉପରେ ଯାଞ୍ଚ କରାଯାଉଛି। ସମସ୍ତଙ୍କ ରିପୋର୍ଟ ମିଳିବା ପରେ ତଦନ୍ତ ପ୍ରକ୍ରିୟା ଆଗେଇବ ବୋଲି ଏସଡିପିଓ ମହାପାତ୍ର କହିଛନ୍ତି।

# କାଦୁଅରେ ପଶି ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର

- ବିଦ୍ୟାଳୟ ନିକଟରେ ରହିଛି ଗଣେଶ ମନ୍ଦିର
- ପ୍ରଶାସନକୁ ବାରମ୍ବାର ଜଣାଇ ସୁଫଳ ମିଳିନି: ଗ୍ରାମବାସୀ

ନନ୍ଦପୁର, ୨୫।୬(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁରର ପ୍ରସିଦ୍ଧ ତଥା ଐତିହାସିକ ଗଣେଷ ମନ୍ଦିର ଯିବାକୁ ଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ମାଟିରାସ୍ତା ହୋଇଥିବାରୁ ଅସରାଏ ବର୍ଷା ହେଲେ ଉକ୍ତ ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି। ମନ୍ଦିର ପାର୍ଶ୍ୱରେ ଥିବା ସାରିଆପୁଟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ସାରିଆପୁଟ ଓ କଉଡ଼ିଖାଲ ଗ୍ରାମବାସୀ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଦୁଅ ଭିତରେ ପଶି ସମସ୍ତେ ଯିବାକୁ ବାଧ ହେଉଛନ୍ତି। ଗାଡ଼ି ମୋଟର ଯାତାୟତ କରିବାରେ ବାଧା ଉପୁଜୁଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ମୁଣ୍ଡାଗୁଡିଆ କହିଛନ୍ତି, ୫-ଟି ରୂପାନ୍ତରଣରେ ଗଣେଶ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ କରାଯାଉଛି। ନିର୍ମାଣ ସାମଗ୍ରୀ ପରିବହନ ନିମନ୍ତେ ବଡ ଗାଡ଼ି ବ୍ୟବହାର ହେଉଛି। ଗାଡିଗୁଡିକ ଯାତାୟାତରେ ରାସ୍ତାରେ ଅଧିକ ଖାଲ ହେଉଛି। ଏଥିଯୋଗୁ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ଗ୍ରାମବାସୀ ଏବଂ ଗଣେଶ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି। ଏନେଇ ୨ ଗ୍ରାମର ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଏହି ରାସ୍ତାର ନିର୍ମାଣ ଲାଗି ଅବଗତ କରାଇଥିଲେ ମଧ କେହି ଶୁଣୁନାହାନ୍ତି ବୋଲି ମୁଣ୍ଡାଗୁଡିଆ କହିଛନ୍ତି। ଏ ସମ୍ପର୍କରେ ବିଡିଓ ସୁଜିତ ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଉଭୟେ କହିଲେ, ଉକ୍ତ ରାସ୍ତାର ନୂତନ ନିର୍ମାଣ ପାଇଁ ବ୍ଲକ ପକ୍ଷରୁ ଜିଆଇଏ ଯୋଜନାରେ ୧୦ ଲକ୍ଷ ଟଙ୍କାର ଅଟକଳ କରାଯାଇ ଜିଲା ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରସ୍ତାବ ପଠାଯାଇଛି। ଅନୁମୋଦନ ମିଳିଲେ ଗଣେଶ ମନ୍ଦିର ରାସ୍ତାର ନୂତନ ନିର୍ମାଣ କରାଯିବ ବୋଲି ଉଭୟେ ପ୍ରକାଶ କରିଛନ୍ତି।



କାଦୁଅରେ ପଶି ଛତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଉଛନ୍ତି।

## ସଂକ୍ଷେପରେ

### ବ୍ରାହ୍ମଣ ମନ୍ଦିର ସେବାୟତ ସଂଘ ଗଠିତ

ମୁନିଗୁଡା,୨୫।୬(ରାଧେଶ୍ୟାମ ଅଗ୍ରୱାଲ)- ମୁନିଗୁଡାର ବିଭିନ୍ନ ମନ୍ଦିରରେ ବିଭିନ୍ନ ନିତିକାନ୍ତି ସେବାଗୁଡିକରେ ସହଯୋଗ ଯୋଗାଇ ଦେବା ପାଇଁ ବ୍ରାହ୍ମଣ ମନ୍ଦିର ସେବାୟତ ସଂଘ ଗଠନ କରାଯାଇଛି। ଏହି ସଂଘରେ ମହାସଚିବ ଭାବେ ବୃନ୍ଦାବନ ପାଢ଼ୀ, ସଭାପତି ତ୍ରିନାଥ ପଣ୍ଡା, ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ଉପ-ସଭାପତି ରାଜି ସାହୁ, ସହ



ସମ୍ପାଦକ ପ୍ରମୋଦ ଚନ୍ଦ୍ର ମହାପାତ୍ର, କୋଷାଧକ୍ଷ ବିଜୟ କୁମାର ଦାସ ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଲଳିତ ମିଶ୍ର, ପ୍ରମୋଦ କୁମାର ପଣ୍ଡା, ଜଗବନ୍ଧୁ ପଣ୍ଡା, ସୀମାଞ୍ଚଳ ପାଣିଗ୍ରାହୀ, ଗୀର୍ଜା ମିଶ୍ରି, ପ୍ରଦୀପ ପରିଛା, ପ୍ରଫୁଲ୍ଲ ତ୍ରିପାଠୀ,ପ୍ରଣବ କୁମାର ନିଶଙ୍କ, ମିଟୁ ରଥ, ଦାମୋଦର ମହାପାତ୍ର ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

### ଶିକ୍ଷକଙ୍କ ଦେହାନ୍ତ

ଚନ୍ଦ୍ରପୁର,୨୫।୬ (ବିଜୟ ପ୍ରସାଦ ଉଲାକା)- ଚନ୍ଦ୍ରପୁର ବ୍ଲକ୍‌ର ଡାଙ୍ଗସୋରଡ଼ା ସଦର ମହକୁମାରେ ରହୁଥିବା ଜଣେ ଆଦର୍ଶ ଶିକ୍ଷକ ବାବୁଲା କୁମାର ଗୌଡ଼ (୪୭)ଙ୍କ ରବିବାର ସକାଳୁ ଦେହାନ୍ତ ହୋଇଛି। ସେ ଦୀର୍ଘଦିନ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ବିଶାଖାପାଟଣା ହସ୍‌ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସେ ଜଣେ ପରୋପକାରୀ ଓ ଆଦର୍ଶ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ସେ ଡାଙ୍ଗସୋରଡ଼ା ପଞ୍ଚାୟତର ଡିଲାଗୁଡ଼ି ପ୍ରାଥମିକ ବିଦ୍ୟାଳୟରେ ଗଣ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ଶିକ୍ଷା ବିଭାଗର ଏବିଓ ଉମାକାନ୍ତ ତାରାପୁରୀ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

ମାଲକାନଗିରି,୨୫।୬(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ଜିଲା ସଦର ମହକୁମାରେ ଥିବା ଟେକବାଡି ସାହି ପରିସରରେ ଶନିବାର ବିଳମ୍ବିତ ରାତିରେ ଜୁଆ ଖେଳ ଜାରି ରହିଥିବା ବେଳେ ବିଶେଷ ସୂତ୍ରରୁ ମାଲକାନଗିରି ପୋଲିସ ଚଢାଉ କରିଥିଲା। ସେଠାରୁ ୮ ଜଣଙ୍କୁ ଗିରଫ କରିଛି। ଖେଳରେ ବ୍ୟବହୃତ ତାସ, ୧୬,୪୦୦ ଟଙ୍କା, ୮ମୋବାଇଲ ଓ ୬ ବାଇକ୍ ଜବତ କରିଥିଲା। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଶିକ୍ଷକ, ସରକାରୀ କର୍ମଚାରୀ, ଓ ବ୍ୟବସାୟୀ ସାମିଲ ଥିଲେ। ସେମାନଙ୍କୁ ପୋଲିସ ବ୍ୟକ୍ତିଗତ ଜାମିନରେ ଛାଡି ଦେଇଥିବା ଜଣାପଡିଛି।



ଗୁଣପୁର ବଡ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବାମନ ଅବତାର ବେଶ ।



ବିଷମ କଟକରେ ଭକ୍ତଙ୍କୁ ପର୍ଶୁରାମ ଅବତାରରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।

# ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ହାତ ଥିବା ଅଭିଯୋଗ

## ଯୁବକଙ୍କୁ ଅପହରଣ

ଗୁଣପୁର,୨୫।୬(ପ୍ରଦୀପ କୁମାର ପାଢ଼ୀ)

ଗୌରୀ ମିଶ୍ରଙ୍କୁ ଗୁଳି କରି ହତ୍ୟା କରାଯିବା ମାମଲା ଦେଢ଼ ମାସରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଅନ୍ୟପକ୍ଷେ ଏହି ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଜଣେ ଯୁବକଙ୍କୁ ଅପହରଣ କରିଥିବା ତାଙ୍କ ମା' ରବିବାର ଗୁଣପୁର ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ କୁମ୍ଭାର ସାହିର ଭି.ଲକ୍ଷ୍ମୀ ନାମ୍ନୀ ଜଣେ ମହିଳା ତାଙ୍କ ପୁଅ ଭି.ରାଜେଶ ଗତ ରବିବାରଠାରୁ ନିଖୋଜ ଥିବା ନେଇ ଅଭିଯୋଗ କରିଛନ୍ତି। ଗୌରୀ ମିଶ୍ର ହତ୍ୟାକାଣ୍ଡ ସମ୍ପର୍କରେ ତାଙ୍କ ପୁଅ ରାଜେଶ ଜାଣିଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ଲକ୍ଷ୍ମୀ ଥାନାରେ ଏତଲା ଦେଇଛନ୍ତି।



ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ଭୁବନେଶ୍ୱରରୁ ବେଙ୍ଗାଲୁରୁ ଟ୍ରେନରେ ଯାଉଥିଲେ। ବିଶାଖାପାଟଣାଠାରେ ଏକ ଅଜଣା କଲ ଆସିବାରୁ ସେ ଟ୍ରେନ୍‌ରୁ ଓହ୍ଲାଇ ପଡିଥିଲେ। ଏହାପରେ ରାଜେଶ ଗୌରୀ ମିଶ୍ର ହତ୍ୟାକାଣ୍ଡ ଘଟଣାରେ କ୍ରିନ୍ତା ଏବଂ ଜିକେ ନାମକ ଦୁଇ ଯୁବକ ଜଡିତ ଥିବା ମା'ଙ୍କୁ ଫୋନ ଯୋଗେ ଜଣାଇଥିଲେ। ତାଙ୍କ

### ଗୌରୀ ମିଶ୍ର ହତ୍ୟା ମାମଲାର ନୂଆ ମୋଡ଼

ପୁଅ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିଥିବାରୁ ତାଙ୍କୁ ବିଶାଖାପାଟଣାରୁ ଅପହରଣ କରି ନିଆଯାଇଥିବା ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ହତ୍ୟା ଘଟଣାର ୪୫ ଦିନ ବିତି ଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ଟେର୍ ପାଉ ନ ଥିବାବେଳେ ପୁଣି ଏକ ନିଖୋଜ ମାମଲା ପୋଲିସର ଚିନ୍ତା ବଢ଼ାଇ ଦେଇଛି। ତେବେ ଏହି ଘଟଣାରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ୨/୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମେ ୧୩ତାରିଖ ରାତିରେ ଆଶା ସଂସ୍ଥାର ନିର୍ଦ୍ଦେଶକ ଗୌରୀ ମିଶ୍ର ତାଙ୍କ ସାଙ୍ଗମାନଙ୍କ ସହ ବଂଶଧାରା ନଦୀ ବ୍ରିଜ ଉପରକୁ ବୁଲିବାକୁ ଯାଇଥିଲେ । ଗୌରୀ ମିଶ୍ର ଗାଡିରେ ଚଢି ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ରାତି ୯.୪୦ରେ ଅଜଣା ବ୍ୟକ୍ତି ଆସି ନିକଟରୁ ତାଙ୍କ ଉପରକୁ ଗୁଳି କରି ହତ୍ୟା କରିଥିଲେ। ସହରରେ ପ୍ରଥମ ଗୁଳିକାଣ୍ଡ ଘଟଣା ହୋଇଥିବାରୁ ହଇଚଇ ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣାର ୪୫ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଆଜିଯାଏ ହତ୍ୟାକାରୀଙ୍କ ଟେର ପାଇପାରିନାହିଁ। ଏପରି କି ପୋଲିସ ପକ୍ଷରୁ ସେହିଦିନ ରାତିରେ ଗୌରୀଙ୍କ ସାଥିରେ ଥିବା ଅକ୍ଷୟ ଦାସ, ସତ୍ୟ ଶତପଥୀ ଏବଂ ଅଶୋକ ରଥଙ୍କ ପଲିଗ୍ରାଫ ଟେଷ୍ଟ କରାଯିବା ସହ ପଚରା ଉଚରା ମଧ୍ୟ କରିଛି। ତଥାପି ପୋଲିସ ଘଟଣାର ପର୍ଦ୍ଦାଫାଶ କରି ପାରିନାହିଁ।

# ବର୍ଷା ପାଇଁ ଫିକା ପଡିଲା ଭଜନ ସମାରୋହ

ରାୟଗଡା,୨୫।୬ (ଭାଗ୍ୟଶ୍ରୀ ମିଶ୍ର)

## ରାୟଗଡ଼ାରେ ମୌସୁମୀ ବର୍ଷା

ଚଳିତ ଥର ମୌସୁମୀ ବିଳମ୍ବରେ ଆସିଥିଲେ ବି ଚାଷୀମାନଙ୍କ ପାଇଁ ଖୁସିର ଖବର ଆଣିଦେଇଛି । ମୌସୁମୀ ପ୍ରଭାବରେ ରବିବାର ରାୟଗଡ଼ା ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ସେପଟେ ମହାପ୍ରଭୁ ଜଗନ୍ନାଥ ଘୋଷଯାତ୍ରାରେ ଆସି ଗୁଣ୍ଡିଚା ମନ୍ଦିରରେ ଥିବାବେଳେ ଆଜାଦ ହିନ୍ଦ ୟୁଥ ଆସସିଏସନ ପକ୍ଷରୁ ରବିବାର ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଗନ୍ନାଥଙ୍କ ଭଜନ ପରିବେଷଣ ସମୟରେ ପରିବେଶ ଭକ୍ତିମୟ ହୋଇଥିଲେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଏହା ଫିକା ପଡିଛି । ବର୍ଷା ଯୋଗୁ ଭକ୍ତମାନେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଥିବାବେଳେ ବିନା ଭକ୍ତରେ ଭଜନ ସମାରୋହ ହୋଇଥିବା ଦେଖିବାକୁ ମିଳିଛି।

ସେପଟେ ବର୍ଷା ଯୋଗୁ ଭୀଷଣ ଗରମରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ପ୍ରଶାସନର ପୂର୍ବ ପ୍ରସ୍ତୁତି ଅଭାବରୁ ନାଳ ନର୍ଦ୍ଦମା ଠିକ୍ ଭାବେ ସଫା କରାଯାଇ ନଥିବାରୁ ତଳିଆ ଅଞ୍ଚଳଗୁଡିକରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳୁଛି । ତୁରନ୍ତ ଡ୍ରେନ ସଫା କରାଯିବା ସହ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



ଗୁଣ୍ଡିଚା ମନ୍ଦିରରେ ଭଜନ ସମାରୋହ।

# କଳମ୍ବରେ କୃଷ୍ଣଲୀଳା ମଞ୍ଚସ୍ଥ

ପୋଲସରା,୨୫।୬(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ଗ୍ରାମ ସ୍ଥିତ ନୂଆ ସାହି ମଣ୍ଡପଠାରେ କୃଷ୍ଣ ଲୀଳା ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ଗାୟକ ଗୋପୀନାଥ ସ୍ୱାଇଁ, ରଜନୀ ପ୍ରଧାନ ଓ ଧନୁ ପ୍ରଧାନ ପରିବେଷଣ କରିଥିଲେ। ଉକ୍ତ ନାଟକକୁ ସାମାଜିକ କର୍ମୀ କାଶୀନାଥ ସାହୁ, ଡ଼ ସୁଶାନ୍ତ କୁମାର ସାହୁ, ପ୍ରଭାକର, ବାପୁଜୀ ପ୍ରଧାନ, ଶ୍ୟାମସୁନ୍ଦର ପ୍ରଧାନ ଯୋଗଦେଇ ନାଟକର ସଂଜ୍ଞା ଓ ହରିକଥା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ବଂଶୀଧର ସାହୁଙ୍କ ତିନି ପୁତ୍ର ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ବିପ୍ର ଚରଣ ନାୟକ ଓ ଜଟେଶ୍ୱର ସାହୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

# ଆସିଲାଣି ବର୍ଷା, ସଫା ହେଲା ନାହିଁ ଡ୍ରେନ୍



ଡ୍ରେନ୍‌ରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଛି।

ଟିକିରି,୨୫।୬ (ପ୍ରଫୁଲ୍ଲ କୁମାର ବେହେରା)

ବର୍ଷାଦିନ ଆସିଗଲା। ହେଲେ ବାରମ୍ବାର ଦାବି ସତ୍ତ୍ୱେ କାଶୀପୁର ବ୍ଲକ୍ ଟିକିରିସ୍ଥିତ ମୁଖ୍ୟରାସ୍ତା କଡରେ ଥିବା ଡ୍ରେନ୍ ସଫା ହୋଇପାରିଲା ନାହିଁ। ଡ୍ରେନ୍‌ରେ କୁଢ଼ କୁଢ଼ ଆବର୍ଜନା ଭର୍ତ୍ତି ରହିଥିବାବେଳେ ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ଭର୍ତ୍ତି ହୋଇ ରାସ୍ତାରେ ଭାସୁଛି। ଫଳରେ ମୁଖ୍ୟରାସ୍ତାରେ ଯାତାୟାତ ପାଇଁ ଲୋକଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ମୁଖ୍ୟରାସ୍ତା ଦେଇ ବଡ ବଡ ସରକାରୀ ବାବୁମାନେ ଯାତାୟାତ କରୁଥିଲେ ବି ଏହା ଉପରେ କିଭଳି କାହାରି ନଜର ପଡୁନି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଟିକିରି ମୁଖ୍ୟରାସ୍ତା କଡରେ ଦୋକାନୀମାନେ କ୍ୟାବିନ୍ ପକାଇ ଆଗରେ ଥିବା ଡ୍ରେନ୍ ଉପରେ ସିମେଣ୍ଟ ପ୍ଲେଟ୍ ପକାଇ ଦେଉଛନ୍ତି। ଫଳରେ ଅଳ୍ପ ବର୍ଷା ହେଲେ ଡ୍ରେନରୁ ପାଣି ବାହାରି ରୋଡ ଉପରେ ଭାସୁଛି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଡ୍ରେନ୍ ନିର୍ମାଣ ହେଉଥିଲେ ବି ସଫେଇ ଅଭାବରୁ ଡ୍ରେନଗୁଡିକ ପୋତି ହୋଇଯାଉଛି। ଅନ୍ୟପକ୍ଷେ ଅଳିଆ ବୋହିବା ପାଇଁ ଯେଉଁ ସାଇକେଲ ଆସିଥିଲା ତାହା ଏବେ ଟିକିରି ପଞ୍ଚାୟତ ପରିସରରେ ପଡ଼ି ଖତ ଖାଉଥିବା ଦେଖିବାକୁମିଳିଛି। ଟିକିରିଅଞ୍ଚଳର ମୁଖ୍ୟରାସ୍ତା ଡ୍ରେନ୍ ଯଦି ମାସକୁ ଥରେ ସଫେଇ ହୁଅନ୍ତା ତେବେ, ବର୍ଷାଦିନ ଆସିଲେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଟିକିରି ପଞ୍ଚାୟତ ସରପଞ୍ଚ ଜଗବନ୍ଧୁ ମାଝିଙ୍କୁ ପଚାରିବାରୁ ଏ ନେଇ ବ୍ଲକ୍ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସେ କହିଥିଲେ।

# ମୌସୁମୀ ବର୍ଷା ଯୋଗୁ ରକ୍ଷାପାଇଲା ଚାରା

ମାଲକାନଗିର,୨୫।୬(ଦୁର୍ଯ୍ୟୋଧନ ପାତ୍ର)

ଚଳିତ ବର୍ଷ ମାଲକାନଗିରି ଜିଲାରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅସହ୍ୟ ଗରମ, ଯାହାକି ପାରଦ ୪୫ ଡିଗ୍ରୀ ଉପରେ ଦୀର୍ଘ ଏକମାସ ଧରି ରହି ଆସୁଥିଲା। ଏଥିଯୋଗୁ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲ। ଫଳରେ ପୂର୍ବାହ୍ନ ୧୦ଟା ପରେ ବିଭିନ୍ନ ରାସ୍ତାଘାଟ ପ୍ରାୟତଃ ଶୂନସାନ୍ ହୋଇଯାଉଥିଲା। ଜିଲାରେ ପାହାଡିଆ ଏବଂ ମୋରମ୍ ଅଞ୍ଚଳରେ ଥିବା ପ୍ରାକୃତିକ ଜଙ୍ଗଲଗୁଡିକରେ ଦୁଇ ତିନି ବର୍ଷର ବିଭିନ୍ନ କିସମର ଚାରା ଯାହାର କି ତିନି ଚାରି ବର୍ଷର ହେବ ସେଗୁଡିକ ଖରାରେ ପୋଡି ନଷ୍ଟ ହୋଇ ଯିବା ଭଳି ଥିଲା। ଏପରି ଦୃଶ୍ୟ ମାଲକାନଗିରି ଜଲା ଶିଖପାଲ୍ଲୀଠାରୁ ପଡିଆ ରାସ୍ତା ମଧ୍ୟରେ ନିଲିଗୁଡା, ପୁରୁଣା ନିଲିଗୁଡା ଅଞ୍ଚଳରେ ଥିବା ଜଙ୍ଗଲ ଗୁଡିକରେ ଦେଖିବାକୁ ମିଳିଛି। ଅନେକ ମୂଲ୍ୟବାନ ଚାରା ସହ ଜଙ୍ଗଲରେ ଥିବା ଚେରମୂଳି ଔଷଧ ଚାରା ମଧ୍ୟ ନଷ୍ଟ ହୋଇ ଯାଇଥାନ୍ତା। ତେବେ ଗତ ତିନିଦିନ ଧରି ଜିଲାରେ ମୌସୁମୀ ବର୍ଷା ହେବା ଯୋଗୁ ଚାରାଗୁଡିକର ପତ୍ର କଅଁଳିଛି ।

# ୧୫୦ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ

## ମାଣ୍ଡିବିଶିରେ ଆଦିବାସୀ ଖାଦ୍ୟ ମେଳା

ଟିକିରି,୨୫।୬ (ପ୍ରଫୁଲ୍ଲ କୁମାର ବେହେରା)

ଆଦିବାସୀମାନେ ଗରିବ ନୁହନ୍ତି। ଆଦିବାସୀଙ୍କ ପାଖରେ ଏକ ବିଶାଳ ଖାଦ୍ୟର ଭଣ୍ଡାର ରହିଛି। ୩୦ରୁ ଅଧିକ ପ୍ରକାର ଶାଗ, ୨୫ ପ୍ରକାର କନ୍ଦା, ୨୦ ପ୍ରକାର ଛତୁ ଆମେ ଜଙ୍ଗଲରୁ ପାଉଛୁ। ଆମ ଡଙ୍ଗରରୁ ଆମେ ମାଣ୍ଡିଆ, କୋଶଳା, କାଂଗୁ, ସୁଆଁ, କାନ୍ଦୁଲ, ଝୁଡୁଙ୍ଗ, କଟିଙ୍ଗ ଆଦି କେତେ ପ୍ରକାର ଖାଦ୍ୟ ପାଉଛୁ। ଆମ ଖାଦ୍ୟ ବିବିଧତା ଆମର ସ୍ୱାଭିମାନ, ଆମର ଗର୍ବ ବୋଲି ମାଣ୍ଡିବିଶିଠାରେ ଲିଭିଙ୍ଗ ଫାର୍ମସ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଆଦିବାସୀ ଖାଦ୍ୟମେଳାରେ ଯୋଗଦେଇ ଆଦିବାସୀ ମା'ମାନେ ପ୍ରକାଶ କରିଛନ୍ତି।

ସୁଙ୍ଗେର, ସଙ୍କରଡ଼ା, ମାଣ୍ଡିବିଶୀ, ସିରିଯାଇ, ଆଦାଯୋର୍, ସିନ୍ଦୁରଘାଟି ଆଦି ପଞ୍ଚାୟତର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ଖାଦ୍ୟ ମେଳାରେ ଯୋଗଦେଇଥିଲେ। ୧୫୦ରୁ ଅଧିକ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଲିଭିଂ ଫାର୍ମସ ଅନୁଷ୍ଠାନର କ୍ଲଷ୍ଟର ସଂଯୋଜକ ଜଗନ୍ନାଥ



ଆଦିବାସୀ ଖାଦ୍ୟମେଳାରେ ପ୍ରଦର୍ଶିତ ପାରମ୍ପରିକ ଖାଦ୍ୟ।

ମାଝୀ ଖାଦ୍ୟ ମେଳାକୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ହରେଶ ପୃଷ୍ଟି, ବିଚିତ୍ର ବିଶାଳ, ପ୍ରକଳ୍ପ ସଂଯୋଜକ ଅନୀଲ ଲିମା, ଜଗନ୍ନାଥ ସେଠି, ସୁକାନ୍ତ ନାୟକ, ଦାପ୍ତା ଅନୁଷ୍ଠାନର ରାଜୁ ଶର୍ମା, ଲେକ ଗାର୍ଡେନର ରମାକାନ୍ତ ଜେନା, କାଶିପୁରର ଖବରଦାତା ସରୋଜ ମଣ୍ଡଳ ଆଦି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି କଣ୍ଟାମାଳ ଗ୍ରାମର ରଣୀଦେଈ ମାଝୀ ଓ କଲାକନି ଗ୍ରାମର ତିଲାଦେଈ ମାଝୀ କହିଥିଲେ ଯେ, ଯେ ଆମ ଅଞ୍ଚଳର ଖାଦ୍ୟ ବିବିଧତାକୁ ଆମକୁ ରକ୍ଷା କରିବାକୁ ହେବ। ଏବେ ଆମର ବୁଡିଯାଇଥିବା ବିହନକୁ ଆମକୁ ଫେରେଇ ଆଣିବାକୁ ହେବ। ଏହାଦ୍ୱାରା ଆମ ଖାଦ୍ୟ ସୁରକ୍ଷା ହେବା ସହିତ ଆମ ପୁଷ୍ଟିର ବି ଉନ୍ନତି ହୋଇପାରିବ। ଏଥିସହିତ ସେମାନେ କହିଥିଲେ ଯେ, ଆମେ ସିନା ଲେଖାପଢା ଶିଖିନୁ, କିନ୍ତୁ ଖାଦ୍ୟ ଅମଳ କରିବାର କୌଶଳ ଓ ଜ୍ଞାନ ଆମକୁ ଜଣା ଅଛି। ଆଜିର ଖାଦ୍ୟମେଳାର ଉଦ୍ଦେଶ୍ୟ ହେଉଛି ଆମ ପରବର୍ତ୍ତୀ ପିଢ଼ିକୁ ଆମ ଖାଦ୍ୟ ବିବିଧତା ଓ ଆମ ପରମ୍ପରା ସମ୍ବନ୍ଧରେ ଶିକ୍ଷା ଦେବା। ଆମେ ଆମ ଜଙ୍ଗଲ ଓ ଫସଲ ବିବିଧତାକୁ ସୁରକ୍ଷା ଦେବାକୁ ଆମେ ଶପଥ ନେଉଛୁ ଓ ଏହିପରି ଭାବେ ହିଁ ଆମର ଖାଦ୍ୟ ସୁରକ୍ଷା ନିଶ୍ଚିତ ହୋଇପାରିବ ବୋଲି ମା'ମାନେ ଖାଦ୍ୟ ମେଳାରେ ପ୍ରକାଶ କରିଥିଲେ। ସନ୍ତୋଷ ନାୟକ, ତ୍ରିଲୋଚନ ଶବର, ବେଣୁଧର ମାଝୀ, କାର୍ତ୍ତିକ, ପ୍ରିୟତମା ନାୟକ, ଲଳିତା ନାୟକ, ପବିତ୍ର ନେମାଲପୁରି, ସନ୍ତୋଷ ମାଝୀ, ପ୍ରଭାକର ମାଝୀ ଆଦି ଖାଦ୍ୟମେଳା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ୨୦ ଲକ୍ଷ ଅନୁଦାନ



ବିଧାୟକ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଗୁଣପୁର,୨୫।୬(ପ୍ରଦୀପ କୁମାର ପାଢ଼ୀ)

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ରାୟଗଡ଼ା ଜିଲା ଗୁଣପୁରର ସର୍ବ ପୁରାତନ ଗୁଣ୍ଡିଚା ମନ୍ଦିରର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଗୁଣ୍ଡିଚା ମନ୍ଦିରର ନିର୍ମାଣ ପାଇଁ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗୁଣପୁର ଗସ୍ତ ସମୟରେ ମନ୍ଦିର କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଗୁଣ୍ଡିଚା ମନ୍ଦିର ପାଇଁ ଅନୁଦାନ ପ୍ରଦାନ କରାଯାଇଥିବାରୁ ଶନିବାର ସନ୍ଧ୍ୟାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ସଭା କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କମିଟି ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ପରିଚାଳନା କମିଟିର ସମ୍ପାଦକ ନିରଞ୍ଜନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିପତି ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଉମା ଶଙ୍କର ଦାସ ମଞ୍ଚ ପରିଚାଳନା କରିଥିଲେ। ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ବିଧାୟକ ତାଙ୍କ ପାଣ୍ଠିରୁ ୬ ଲକ୍ଷ ଏବଂ ଦେବୋତ୍ତୋର ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାରୁ ବିଧାୟକ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟାଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ମଣ୍ଡଳୀର ମନୋରଞ୍ଜନ ରଥ, ଦେବେନ୍ଦ୍ର ଚୌଧୁରୀ, ରାଜେନ୍ଦ୍ର ସାହୁ, ଅକ୍ଷୟ ଦାସ, ତ୍ରିପତି ରଥ, ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଏବଂ ୫- ଟି ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶରତ ଚନ୍ଦ୍ର ନାୟକ, ବିଜେଡି ଛାତ୍ର ସଭାପତି ବିନ୍ଟୁ ପଣ୍ଡା, ନଗର ସଭାପତି ରାମଚନ୍ଦ୍ର ପଣ୍ଡା, ବ୍ଲକ ସଭାପତି ବାଷା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ଶ୍ରୀ ମୀନାଝୋଲା

ଚନ୍ଦ୍ରପୁର,୨୫।୬ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ହନୁମନ୍ତପୁର ପଞ୍ଚାୟତରେ ରହିଛି ବହୁ ପୁରାତନ ଶୈବପୀଠ ଶ୍ରୀ ମୀନାଝୋଲା। ୩ଟି ନଦୀର ସଙ୍ଗମସ୍ଥଳ ହୋଇଥିବାରୁ ଏହାକୁ ଓଡ଼ିଶାର ତ୍ରିବେଣୀ ସଙ୍ଗମ ମଧ୍ୟ କୁହାଯାଏ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ, ୩ ଚିରସ୍ରୋତା ବଂଶଧାରା, ଚାଉଳଧୁଆ ଓ ଫଳଫଳିଆ ନଦୀର ସଙ୍ଗମସ୍ଥଳ ଓ ଏଠାରେ ବହୁ ପୁରାତନ ଶୈବପୀଠ ଥିବାରୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମେ। ପ୍ରତ୍ୟେକ ବର୍ଷ ଶିବରାତ୍ରିରେ ଜିଲା ତଥା ଜିଲା ବାହାରୁ ତଥା ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ହେଲେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଓଡ଼ିଶାର ତ୍ରିବେଣୀ ସଙ୍ଗମ

୩ଟି ଚିରସ୍ରୋତା ନଦୀ ବଂଶଧାରା, ଚାଉଳଧୁଆ ଓ ଫଳଫଳିଆ ନଦୀର ସଙ୍ଗମସ୍ଥଳର ଠିକ୍ ୨୦୦ ମିଟର ତଳକୁ ଏକ ପଥର ଗୁମ୍ଫା ରହିଛି। ଏହି ଗୁମ୍ଫା ଦେଇ ୩ଟି ନଦୀର ଜଳ ପ୍ରବାହିତ ହେଉଥିବାବେଳେ ଏହି ପଥର କୋରଡ଼ ଗୁମ୍ଫା ମଧ୍ୟରେ କାହିଁ କେଉଁ ଆବହମାନ କାଳରୁ ମୀନ ଆକୃତିର ଲିଙ୍ଗ ପୂଜା ପାଆନ୍ତି। ଏଠାରେ ପୂଜା କଲେ ମାନସିକ ପୂରଣ ହୋଇଥାଏ ବୋଲି ମଧ୍ୟ ସାଧାରଣରେ ବିଶ୍ୱାସ ରହିଛି। ପ୍ରତିବର୍ଷ ଶିବରାତ୍ରିର ପୂର୍ବଦିନରୁ ଏଠାକୁ ଭକ୍ତଙ୍କ ସୁଅ ଛୁଟିଥାଏ। ଶ୍ରଦ୍ଧାଳୁମାନେ ନଦୀର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ଘର କରି ରାତ୍ରିଯାପନ କରିବା ସହ ଶିବରାତ୍ରି ଭୋର ୪ଟାରୁ ପୂଜାର୍ଚ୍ଚନା କରିଥାନ୍ତି । ୨୦୨୨-୨୩ରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନଦୀର ଉପରି ଭାଗରେ ଭକ୍ତଙ୍କ ରହିବା ପାଇଁ ୨ଟି କମ୍ୟୁନିଟି ଗୃହ ନିର୍ମାଣ କରାଯାଇଛି। ଏଥିସହ ସ୍ଥାନୀୟ ଗୁଣପୁର ନିର୍ବାଚନମଣ୍ଡଳୀର ବିଧାୟକ ରଘୁନାଥ ଗମାଙ୍ଗ ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ ଓ ଚନ୍ଦ୍ରପୁର ବ୍ଲକ୍ ପ୍ରେସକ୍ଲବ୍‌ର ସହଯୋଗକ୍ରମେ ଏଠାରେ ବିଦ୍ୟୁତୀକରଣର ବ୍ୟବସ୍ଥା ସହ ଭକ୍ତଙ୍କ କଂକ୍ରିଟ୍ ପାହାଚ ମଧ୍ୟ ନିର୍ମାଣ କରାଯାଇଛି। ସେହିପରି ଆଜକୁ ୩ ବର୍ଷରୁ ଅଧିକ ସମୟ ହେବ ସେଠାରେ ଏକ ଜନକଲ୍ୟାଣ ଆଶ୍ରମ କରାଯାଇଛି। ଜନକା ନନ୍ଦ ଗିରି ନାମକ ଜଣେ ବାବା ସେଠାରେ ରହି ଆଶ୍ରମର ଦେଖାଶୁଣା କରୁଛନ୍ତି। ବାବା ସେଠାରେ ଭକ୍ତଙ୍କୁ ମାଗଣାରେ ଆୟୁର୍ବେଦ ଉପାୟରେ ଚିକିତ୍ସା କରୁଥିବା ମଧ୍ୟ ଜଣାଯାଇଛି। ଚଳିତ ବର୍ଷ ଚନ୍ଦ୍ରପୁର ପ୍ରେସ୍ କ୍ଲବ୍ ଏବଂ କଳାକ୍ଷେତ୍ର ଭୁବନେଶ୍ୱର ତଥା ଜନକଲ୍ୟାଣ ଆଶ୍ରମର ସହଯୋଗକ୍ରମେ ପ୍ରଥମ ତ୍ରିବେଣୀ ମହୋତ୍ସବର ଏକ ନିଆରା କାର୍ଯ୍ୟକ୍ରମ ଖୁବ୍ ଆଡମ୍ବର ସହକାରେ ପାଳନ ହୋଇଥିଲା। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଗଲେ ଏହା ଲୋକଲୋଚନକୁ ଆସିବା ସହ ପୀଠର ଆହୁରି ଉନ୍ନତି ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।





ଚନ୍ଦ୍ରପୁର ବ୍ଲକ୍‌ର ହନୁମନ୍ତପୁର ପଞ୍ଚାୟତରେ ଥିବା ପୁରାତନ ଶୈବପୀଠ ଶ୍ରୀ ମୀନାଝୋଲା।

## ଏମାନେ ଯାହା କୁହନ୍ତି

"ରାଜ୍ୟ ସରକାର ଓ ଜିଲା ପ୍ରଶାସନ ମୀନାଝୋଲାକୁ ପର୍ଯ୍ୟଟନସ୍ଥଳୀରେ ମାନ୍ୟତା ଦେଲେ ଏହି ପୀଠ ଲୋକଲୋଚନକୁ ଆସିପାରନ୍ତା। ସ୍ଥାନୀୟ ଲୋକେ ମଧ୍ୟ ଉପକୃତ ହୁଅନ୍ତେ।

**-ରାମନାଥ ଦୋରା, ଅବସରକାଳୀନ ପ୍ରଶାସନିକ ଅଧିକାରୀ, ଚନ୍ଦ୍ରପୁର**

"ପର୍ଯ୍ୟଟନ ବିଭାଗ ତଥା ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଏହି ପୀଠର ଉନ୍ନତୀକରଣ ହୋଇପାରୁ ନାହିଁ।

**-ଭୀମ ଗଗେରେଙ୍ଗା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ**

"ରାୟଗଡ଼ା ଜିଲାର ଏକ ଉପାନ୍ତ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ନିହାତି ଜରୁରୀ। **-ସୁନୀତା ମୁଣ୍ଡିକା, ସରପଞ୍ଚ, ଝୁରିଗୁଡ଼ା ପଞ୍ଚାୟତ**

"ପ୍ରଶାସନିକ କ୍ଷେତ୍ରରେ ସର୍ବଦା ଦୃଷ୍ଟି ଆକର୍ଷଣ କରାଯିବାରେ ଚନ୍ଦ୍ରପୁର ପ୍ରେସ୍‌କ୍ଲବ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**-ଦୟାନିଧି ପାତ୍ର, ପୂର୍ବତନ ସରପଞ୍ଚ ଡାଙ୍ଗସୋରଡ଼ା**

"ରାୟଗଡ଼ା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ଆଗକୁ ଏହି ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ଚେଷ୍ଟା କରାଯିବ।

**-କଇନ କିମ୍ବାକା, ବ୍ଲକ୍ ଅଧ୍ୟକ୍ଷ, ଚନ୍ଦ୍ରପୁର**

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

ମାଲକାନଗିରି,୨୫।୬(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗରି ଜିଲା ସଦର ମହକୁମାରେ ଥିବା ଟେକବାଡି ସାହି ପରିସରରେ ଶନିବାର ବିଳମ୍ବିତ ରାତିରେ ଜୁଆ ଖେଳ ଜାରି ରହିଥିବା ବେଳେ ବିଶେଷ ସୂତ୍ରରୁ ମାଲକାନଗିରି ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୮ ଜଣଙ୍କୁ ଗିରଫ କରିଛି। ଖେଳରେ ବ୍ୟବହୃତ ତାସ, ୧୬,୪୦୦ ଟଙ୍କା, ୮ମୋବାଇଲ ଓ ୬ ବାଇକ୍ ଜବତ କରିଥିଲା। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଶିକ୍ଷକ, ସରକାରୀ କର୍ମଚାରୀ, ଓ ବ୍ୟବସାୟୀ ସାମିଲ ଥିଲେ। ସେମାନଙ୍କୁ ପୋଲିସ ବ୍ୟକ୍ତିଗତ ଜାମିନରେ ଛାଡି ଦେଇଥିବା ଜଣାପଡିଛି।

### ଗାରିଆଗୁଡା ପ୍ରାଥମିକ ବିଦ୍ୟାଳୟରେ ଭଙ୍ଗା ରୋଷେଇ ଘର

ଗୋବିନ୍ଦପାଲି,୨୫।୬(କାର୍ତ୍ତିକ ରଥ)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ଗାରିଆଗୁଡା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ଥିବା ଛପରଘର ଅନେକ ଦିନ ହେବ ଭାଙ୍ଗି ପଡିଛି। ଆଜବେଷ୍ଟସ୍ ହୋଇଥିବା ଘରଟିର ଛପର କିଛି ବର୍ଷ ପୂର୍ବେ କାଳ ବୈଶାଖୀରେ ନଷ୍ଟ ହୋଇଯାଇ ଥିବାରୁ ଖୋଲା ଘରେ ରୋଷେଇ ହେଉଛି। ବର୍ଷା ଦିନେ ଏହି ଘରେ ରୋଷେଇ କରିବା କଷ୍ଟ ହେଉଛି। ତେଣୁ ବାରଣ୍ଡାରେ ରୋଷେଇ କରୁଥିବା ପାଚିକା ପ୍ରକାଶ କରିଛନ୍ତି। ବିଦ୍ୟାଳୟକୁ ଆସୁଥିବା ଅନୁଦାନ କମ୍ ହେଉଥିବାରୁ ଏହି ଅର୍ଥରେ କାମ କରାଯାଇ ପାରୁନାହିଁ ବୋଲି ପରିଚାଳନା କମିଟି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଅନେକ ଥର ପଲ୍ଲିସଭାରେ ଏହି ସମସ୍ୟା ଉପସ୍ଥାପନ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ସରପଞ୍ଚ ଓ ବିଡିଓଙ୍କୁ ମଧ୍ୟ ଦରଖାସ୍ତ ଦ୍ୱାରା ଏହାର ମରାମତି ପାଇଁ ଅନୁରୋଧ କରାଯାଇ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ତୁରନ୍ତ ଏହାର ମରାମତି କରାଯିବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି।

### କଳମ୍ବରେ କୃଷ୍ଣ ଲୀଳା ମଞ୍ଚସ୍ଥ

ପୋଲସରା,୨୫।୬(ସୁବ୍ରତ ବେହେରା)- ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ଗ୍ରାମ ସ୍ଥିତ ନୂଆ ସାହି ମଣ୍ଡପଠାରେ କୃଷ୍ଣ ଲୀଳା ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ଗାୟକ ଗୋପୀନାଥ ସ୍ୱାଇଁ, ରଜନୀ ପ୍ରଧାନ ଓ ଧନୁ ପ୍ରଧାନ ପରିବେଷଣ କରିଥିଲେ। ଉକ୍ତ ନାଟକକୁ ସାମାଜିକ କର୍ମୀ କାଶୀନାଥ ସାହୁ, ଡ଼ ସୁଶାନ୍ତ କୁମାର ସାହୁ, ପ୍ରଭାକର, ବାପୁଜୀ ପ୍ରଧାନ, ଶ୍ୟାମସୁନ୍ଦର ପ୍ରଧାନ ଯୋଗଦେଇ ନାଟକର ସଂଜ୍ଞା ଓ ହରିକଥା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱର୍ଗତ ବଂଶୀଧର ସାହୁଙ୍କ ତିନି ପୁତ୍ର ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ବିପ୍ର ଚରଣ ନାୟକ ଓ ଜଟେଶ୍ୱର ସାହୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

# ଅନୁନ୍ନତ ଗ୍ରାମକୁ ପୋଷ୍ୟଗ୍ରାମ ଗ୍ରହଣ ନିଷ୍ପତ୍ତି

**ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ବୈଠକ**

ମାଲକାନଗିରି,୨୫।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜଲା ଉତ୍କଳ ସାମ୍ବାଦିକ ସଂଘର ନବ ନିର୍ବାଚିତ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ନେଇ ସଂଘ କାର୍ଯ୍ୟାଳୟରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶିବଦତ୍ତ ସାହୁ, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି. ଶ୍ରୀନିବାସ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ସହ ସମ୍ପାଦକ ଅପୂର୍ବ ଥଣ୍ଡର, ସଦସ୍ୟ ମାଣିକ ବାଛାଡ, ବାସୁଦେବ ଜେନା, ବିକ୍ରମ ସ୍ୱାଇଁ, ବିଦ୍ୟୁତ୍ ବୈରାଗୀ, ଭଗବାନ ସାହୁ, ଉପଦେଷ୍ଟା ସୀମାଞ୍ଚଳ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କୋଭିଡ ସମୟରେ ସଂଘ ଜିଲାର ବିଭିନ୍ନ ଅଞ୍ଚଳରେ ଯେପରି ସଚେତନତା କାର୍ଯ୍ୟକ୍ରମ ସହ ଜନସେବା କରି ଆସିଥିଲା ସେହିପରି ନିଶା ନିବାରଣ, ପରିବେଶ ସୁରକ୍ଷା, ଚାରା ରୋପଣ, ଭିନ୍ନକ୍ଷମ ଏବଂ ଦୃଷ୍ଟି ହୀନମାନଙ୍କୁ ସାହାଯ୍ୟ ଇତ୍ୟାଦି କାର୍ଯ୍ୟ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତି ବ୍ଲକରେ ବ୍ଲକ ସଂଗଠନକୁ ସୁଦୃଢ କରାଯିବା ସହ ସାମ୍ବାଦିକମାନଙ୍କ ନ୍ୟାଯ୍ୟ ଦାବି ସଂଗଠନ ମାଧ୍ୟମରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳର ଏକ ଗ୍ରାମକୁ ସଂଘ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ସେଠାର ପ୍ରତି ପରିବାରର ସର୍ବାଙ୍ଗୀନ ଉନ୍ନତି, ଶିକ୍ଷା ଏବଂ ପରିବେଶ ସ୍ୱାସ୍ଥ୍ୟ, ଗ୍ରାମ ବିକାଶ ଆଦି ସମ୍ପର୍କରେ ପଦକ୍ଷେପ ନେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ନୂତନ କର୍ମକର୍ତ୍ତାମାନେ ସେମାନଙ୍କର ଦାୟିତ୍ୱ ପୁରୁଣା କର୍ମକର୍ତ୍ତାଙ୍କଠାରୁ ଗ୍ରହଣ କରିଥିଲେ। ଶେଷରେ କାର୍ଯ୍ୟାଳୟ ସମ୍ପାଦକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଉଛି ।

# ମୌସୁମୀ ବର୍ଷା ଯୋଗୁ ରକ୍ଷାପାଇଲା ଚାରା

ମାଲକାନଗିର,୨୫।୬(ଦୁର୍ଯ୍ୟୋଧନ ପାତ୍ର)

ଚଳିତ ବର୍ଷ ମାଲକାନଗିରି ଜିଲାରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅସହ୍ୟ ଗରମ, ଯାହାକି ପାରଦ ୪୫ ଡିଗ୍ରୀ ଉପରେ ଦୀର୍ଘ ଏକମାସ ଧରି ରହି ଆସୁଥିଲା। ଏଥିଯୋଗୁ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଫଳରେ ପୂର୍ବାହ୍ନ ୧୦ଟା ପରେ ବିଭିନ୍ନ ରାସ୍ତାଘାଟ ପ୍ରାୟତଃ ଶୂନସାନ୍ ହୋଇଯାଉଥିଲା। ଜିଲାରେ ପାହାଡିଆ ଏବଂ ମୋରମ୍ ଅଞ୍ଚଳରେ ଥିବା ପ୍ରାକୃତିକ ଜଙ୍ଗଲଗୁଡିକରେ ଦୁଇ ତିନି ବର୍ଷର ବିଭିନ୍ନ କିସମର ଚାରା ଯାହାର କି ତିନି ଚାରି ବର୍ଷର ହେବ ସେଗୁଡିକ ଖରାରେ ପୋଡି ନଷ୍ଟ ହୋଇ ଯିବା ଭଳି ଥିଲା। ଏପରି ଦୃଶ୍ୟ ମାଲକାନଗିରି ଜଲା ଶିଖପାଲ୍ଲୀଠାରୁ ପଡିଆ ରାସ୍ତା ମଧ୍ୟରେ ନିଳିଗୁଡା, ପୁରୁଣା ନିଳିଗୁଡା ଅଞ୍ଚଳରେ ଥିବା ଜଙ୍ଗଲ ଗୁଡିକରେ ଦେଖିବାକୁ ମିଳିଛି। ନିଳିଗୁଡାର ପୂର୍ବତନ ସରପଞ୍ଚ ରୁଦ୍ର କାର୍ଷାମୀ କହିଛନ୍ତି, କେବଳ ତାଙ୍କ ପଞ୍ଚାୟତ ଅଞ୍ଚଳ ନୁହେଁ, ପଡିଆ ବ୍ଲକର ବିଭିନ୍ନ ଅଞ୍ଚଳ ଜଙ୍ଗଲର ପାହାଡିଆ ଓ ମୋରମ୍ ମାଟିରେ ଥିବା ଛୋଟ ଛୋଟ ଚାରାଗୁଡିକ ଅନେକାଂଶରେ ଖରାରେ ପୋଡି ନଷ୍ଟ ହେବାକୁ ବସିଥିଲା। ଯାହାକୁ ବଞ୍ଚାଇବା କଷ୍ଟକର ହୋଇପଡିଥିଲା। ଯଦି ଖରା ଆହୁରି ଦୁଇ ସପ୍ତାହ ହୋଇଥାନ୍ତା ଅନେକ ମୂଲ୍ୟବାନ ଚାରା ସହ ଜଙ୍ଗଲରେ ଥିବା ଚେରମୂଳି ଔଷଧ ଚାରା ମଧ୍ୟ ନଷ୍ଟ ହୋଇ ଯାଇଥାନ୍ତା। ତେବେ ଗତ ତିନିଦିନ ଧରି ଜିଲାରେ ମୌସୁମୀ ବର୍ଷା ହେବା ଯୋଗୁ ଚାରାଗୁଡିକର ପତ୍ର କଅଁଳିଛି ।



ଖରାରେ ଚାରାଗଛଗୁଡିକର ପତ୍ର ପୋଡି ଯାଇଛି ।

# ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଧନ୍ୟବାଦ ଦେଲା ଜିଲା ବିଜେଡି



ଜିଲା ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ।

ମାଲକାନଗିରି, ୨୫।୬(ଦୁର୍ଯ୍ୟୋଧନ ପାତ୍ର)

**■ ମାଲକାନଗିରି ଜିଲା**
**■ ରାସ୍ତା ନିର୍ମାଣ ପାଇଁ ୧୫୮ କୋଟି ମଞ୍ଜୁର**

ଗତ ୨ ମାସ ପୂର୍ବେ ମାଲକାନଗିରି ଜିଲାକୁ ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଦୁଇଦିନିଆ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭିନ୍ନ ବ୍ଲକ ଲୋକେ ରାସ୍ତା ସମସ୍ୟା ନେଇ ତାଙ୍କ ନିକଟରେ ଆବେଦନ କରିଥିଲେ। ସେହି ସମୟରେ ପାଣ୍ଡିଆନ୍ ଯଥା ଶୀଘ୍ର ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇ ମାତ୍ର ୨ ମାସ ମଧ୍ୟରେ ଏହାକୁ ପୂରଣ କରିଛନ୍ତି। ଶନିବାର ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୨୧ ରାସ୍ତା ପ୍ରକଳ୍ପ ନିମନ୍ତେ ୧୫୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ଚିତ୍ରକୋଣ୍ଡା, କାଳିମେଳା, ପଡିଆ ଓ କୋରୁକୋଣ୍ଡା ଆଦି ବ୍ଲକଗୁଡିକରେ ୨୧ ରାସ୍ତା ନିର୍ମାଣ ହେବ। ଏହି ପ୍ରକଳ୍ପ ମଧ୍ୟରେ ୧୭୨.୫୩ କି.ମି.ରାସ୍ତା ନିର୍ମାଣ କରାଯିବ। ସେହିପରି ୫-ଟି ସଚିବ ଭି.କେ.ପାଣ୍ଡିଆନ୍‌ଙ୍କ ଗସ୍ତର ୧୫ ଦିନ ପରେ ମାଲକାନଗିରି ଜିଲାର ବିଭିନ୍ନ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ବିଭିନ୍ନ ଧର୍ମାନୁଷ୍ଠାନର ବିକାଶ ପାଇଁ ୧୪ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ।

ଆଭ୍ୟନ୍ତରୀଣ ଅଞ୍ଚଳ ଲୋକେ ରାସ୍ତା ଘାଟକୁ ନେଇ ଯେଉଁ ସମସ୍ୟା ଭୋଗୁଥିଲେ ତାହା ଦୂର ହେବବୋଲି ରବିବାର ବିଜେଡି ପକ୍ଷରୁ ସର୍କିଟ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲାର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ବରିଷ୍ଠ ସହ ପର୍ଯ୍ୟବେକ୍ଷକ ସାମୁଏଲ ନାୟକ, ସମ୍ପାଦକ ପ୍ରଭାକର ପ୍ରଧାନ, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି, ଚିତ୍ରକୋଣ୍ଡା ପର୍ଯ୍ୟବେକ୍ଷକ ରାଧା ବିନୋଦ ସାମନ୍ତରାଙ୍କ ସହ ବିଜୁ ଜନତା ଦଳ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ ।

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ବୁଗୁଡ଼ା,୨୫।୬(କାଳୀ ଚରଣ ଦାଶ)

ଏକାଧିକ ଅପରାଧିକ ମାମଲାରେ ଜଡିତ ଥାଇ ଡକାୟତି ଯୋଜନା କରୁଥିବା ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର କୁନା ବାରିକ, ବୁଗୁଡ଼ା ଥାନା ଅନ୍ତର୍ଗତ କଞ୍ଚୁରୁ ଗ୍ରାମର ନାରାୟଣ ବେହେରା, ମାଣିତରା ଖଳାସାହିର ସନିଆ ନାଇକ ଓ ବନ୍ଧସାହିର ରିତୁ ରଣା ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ପଲାସା ଥାନା ଓ ଗାଁ ଅନ୍ତର୍ଗତ ନେହେରୁ ନଗର ନିବାସୀ ତିରୁମଲା ପାତ୍ର । ସେମାନଙ୍କଠାରୁ ୩ଟି ଦେଶୀ ପିସ୍ତଲ, ୧୦ ଗୁଳି, ୩ ଅଫୁଟା ବୋମା, ୧ଟି ଷ୍ଟିଲ୍ ଭୁଜାଲି, ୧୩୦ ଗ୍ରାମ ସୁନା, ୧ ଲକ୍ଷ ୨୨ ହଜାର ନଗଦ ଟଙ୍କା, ୬ଟି ମୋବାଇଲ୍, ୨ ବାଇକ୍ ଆଦି ସାମଗ୍ରୀ ଜବତ କରିଛି। ଏ ନେଇ ନଂ. ୪୪୭/୨୩ରେ ଏକ ମାମଲା ରୁଜୁ ହୋଇଥିବା ଶନିବାର ବୁଗୁଡ଼ା ଥାନା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା ଆଡିସନାଲ୍ ଏସ୍‌ପି ପ୍ରଫୁଲ୍ଲ କୁମାର ବଡଜେନା ସୂଚନା ଦେଇଛନ୍ତି। ଶୁକ୍ରବାର ରାତିରେ ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଚାଲୁଣ୍ଡି ଗାଁ ଛକ ନିକଟରେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ଖବର ପାଇ ବୁଗୁଡ଼ା ପୋଲିସ ସେମାନଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ କୁନା ବାରିକଙ୍କ ନାମରେ ୧୪ରୁ ଅଧିକ ଅପରାଧିକ ମାମଲା ରହିଛି।

# ଜଗୁଆଳି କର୍ମଚାରୀ ସଂଘ ପକ୍ଷରୁ ସହାୟତା

ମାଥିଲି, ୨୫।୬(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଧୁଙ୍ଗିଆପୁଟ ପଞ୍ଚାୟତରେ କାର୍ଯ୍ୟରତ ଜଗୁଆଳି କର୍ମଚାରୀଙ୍କର ଅସୁସ୍ଥତାରୁ ମୃତ୍ୟୁ ଘଟିଛି। ରବିବାର ଓଡ଼ିଶା ପଞ୍ଚାୟତ କର୍ମଚାରୀ, ପିଅନ, ଝାଡୁଦାର ଓ ରାତ୍ର ଜଗୁଆଳି ସଂଘ ତରଫରୁ ମୃତ ଘେନୁ ସାଗରିଆଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନେକ ଦିନ ହେବ ଘେନୁ ଅଜଣା ରୋଗରେ ଶଯ୍ୟାଶାୟୀ ଥିଲେ । ଚିକିତ୍ସା ପାଇଁ ଅର୍ଥାଭାବରୁ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘ ଦିନରୁ ରୋଗ ଶଯ୍ୟାରେ ପଡିଥିବା ଘେନୁଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇ ଆର୍ଥିକ ସ୍ଥିତିରେ ସଂଘ ସହଯୋଗ କରିଛି। ଆଗାମୀ ଦିନରେ ମଧ୍ୟ ସଂଘ ତରଫରୁ ଘେନୁଙ୍କ ପରିବାର ଲୋକଙ୍କ ପାଇଁ ସହଯୋଗର ହାତ ବଢାଯିବ ବୋଲି ସଂଘ ତରଫରୁ ଲକ୍ଷ୍ମଣ ହୋଣ୍ଡାଲ ବ୍ଲକ ସଭାପତି ଓ ହରି ଚାଲାଣ, ଗୁପ୍ତ ପ୍ରଧାନୀ, ମଙ୍ଗଳା ମୁଦୁଲି, ଚନ୍ଦ୍ର ପୂଜାରୀ ଓ ସମସ୍ତେ ମିଶି ଧୁଙ୍ଗିଆ ପୁଟଠାରେ ସଭା କରିଥିଲେ। ଆଗାମୀ ଦିନରେ ଘେନୁଙ୍କ ପରିବାରକୁ କୌଣସି ଅସୁବିଧା ହୁଏ ତେବେ ସଂଘ ସହଯୋଗର ହାତ ବଢାଇବ ବୋଲି ସୂଚନା ଦିଆଯାଇଛି ।



ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି ।

# ଯୁବକଙ୍କୁ ଅପହରଣ ଅଭିଯୋଗ

ଗୁଣପୁର,୨୫।୬(ପ୍ରଦୀପ କୁମାର ପାଢ଼ୀ)

**■ ଗୌରୀ ମିଶ୍ର ହତ୍ୟା ମାମଲାର ନୂଆ ମୋଡ଼**
**■ ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ହାତ ଥିବା ସନ୍ଦେହ**

ଗୌରୀ ମିଶ୍ରଙ୍କୁ ଗୁଳି କରି ହତ୍ୟା କରାଯିବା ମାମଲା ଦେଢ଼ ମାସରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଅନ୍ୟପକ୍ଷେ ଏହି ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଜଣେ ଯୁବକଙ୍କୁ ଅପହରଣ କରିଥିବା ତାଙ୍କ ମା' ରବିବାର ଗୁଣପୁର ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ କୁମ୍ଭାର ସାହିର ଭି.ଲକ୍ଷ୍ମୀ ନାମ୍ନୀ ଜଣେ ମହିଳା ତାଙ୍କ ପୁଅ ଭି.ରାଜେଶ ଗତ ରବିବାରଠାରୁ ନିଖୋଜ ଥିବା ନେଇ ଅଭିଯୋଗ କରିଛନ୍ତି। ଗୌରୀ ମିଶ୍ର ହତ୍ୟାକାଣ୍ଡ ସମ୍ପର୍କରେ ତାଙ୍କ ପୁଅ ରାଜେଶ ଜାଣିଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ଲକ୍ଷ୍ମୀ ଥାନାରେ ଏତଲା ଦେଇଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ଭୁବନେଶ୍ୱରରୁ ବାଙ୍ଗାଲୁରୁ ଟ୍ରେନରେ ଯାଉଥିଲେ। ବିଶାଖାପାଟଣାଠାରେ ଏକ ଅଜଣା କଲ ଆସିବାରୁ ସେ ଟ୍ରେନ୍‌ରୁ ଓହ୍ଲାଇ ପଡିଥିଲେ। ଏହାପରେ ରାଜେଶ ଗୌରୀ ମିଶ୍ର ହତ୍ୟାକାଣ୍ଡ ଘଟଣାରେ କ୍ରିସ୍ତା ଏବଂ ଜିକେ ନାମକ ଦୁଇ ଯୁବକ ଜଡିତ ଥିବା ମାଙ୍କୁ ଫୋନ ଯୋଗେ ଜଣାଇଥିଲେ। ତାଙ୍କ ପୁଅ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିଥିବାରୁ ତାଙ୍କୁ ବିଶାଖାପାଟଣାରୁ ଅପହରଣ କରି ନିଆଯାଇଥିବା ଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ହତ୍ୟା ଘଟଣାର ୪୫ ଦିନ ବିତି ଥିଲେ ମଧ୍ୟ ପାଲିସ ଅଭିଯୁକ୍ତଙ୍କ ଟେର ପାଉ ନ ଥିବାବେଳେ ପୁଣି ଏକ ନିଖୋଜ ମାମଲା ପୋଲିସର ଚିନ୍ତା ବଢ଼ାଇ ଦେଇଛି। ତେବେ ଏହି ଘଟଣାରେ ରାୟଗଡ଼ା ଏସ୍‌ପି ବିବେକାନ୍ଦା ଶର୍ମା ୨/୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମେ ୧୩ ତାରିଖ ରାତିରେ ଆଶା ସଂସ୍ଥାର ନିର୍ଦ୍ଦେଶକ ଗୌରୀ ମିଶ୍ର ତାଙ୍କ ସାଙ୍ଗମାନଙ୍କ ସହ ବଂଶଧାରା ନଦୀ ବ୍ରିଜ ଉପରକୁ ବୁଲିବାକୁ ଯାଇଥିଲେ। ଗୌରୀ ମିଶ୍ର ଗାଡିରେ ଚଢ଼ି ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ରାତି ୯.୪୦ରେ ଅଜଣା ବ୍ୟକ୍ତି ଆସି ନିକଟରୁ ତାଙ୍କ ଉପରକୁ ଗୁଳି କରି ହତ୍ୟା କରିଥିଲେ। ସହରରେ ପ୍ରଥମ ଗୁଳିକାଣ୍ଡ ଘଟଣା ହୋଇଥିବାରୁ ହଇଚଇ ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣାର ୪୫ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଆଜିଯାଏ ହତ୍ୟାକାରୀଙ୍କ ଟେର ପାଇପାରିନାହିଁ। ଏପରିକି ପୋଲିସ ପକ୍ଷରୁ ସେହିଦିନ ରାତିରେ ଗୌରୀଙ୍କ ସାଥୀରେ ଥିବା ଅକ୍ଷୟ ଦାସ, ସତ୍ୟ ଶଥପଥୀ ଏବଂ ଅଶୋକ ରଥଙ୍କ ପଲିଗ୍ରାଫ ଟେଷ୍ଟ କରାଯିବା ସହ ପଚରା ଉଚରା ମଧ୍ୟ କରିଛି। ତଥାପି ପୋଲିସ ଘଟଣାର ପର୍ଦ୍ଦାଫାସ କରି ପାରିନାହିଁ।

# ଆସିଲାଣି ବର୍ଷା, ସଫା ହେଲାନି ଡ୍ରେନ୍

ଟିଁକିରି,୨୫।୬ (ପ୍ରଫୁଲ୍ଲ କୁମାର ବେହେରା)

ବର୍ଷାଦିନ ଆସିଗଲା। ହେଲେ ବାରମ୍ବାର ଦାବି ସତ୍ତ୍ୱେ କାଶୀପୁର ବ୍ଲକ୍ ଟିଁକିରିସ୍ଥିତ ମୁଖ୍ୟରାସ୍ତା କଡରେ ଥିବା ଡ୍ରେନ୍ ସଫା ହୋଇପାରିଲା ନାହିଁ। ଡ୍ରେନ୍‌ରେ କୁଢ଼ କୁଢ଼ ଆବର୍ଜନା ଭର୍ତ୍ତି ରହିଥିବାବେଳେ ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ଭର୍ତ୍ତି ହୋଇ ରାସ୍ତାରେ ଭାସୁଛି। ଫଳରେ ମୁଖ୍ୟରାସ୍ତାରେ ଯାତାୟାତ ପାଇଁ ଲୋକଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ମୁଖ୍ୟରାସ୍ତା ଦେଇ ବଡ ବଡ ସରକାରୀ ବାବୁମାନେ ଯାତାୟାତ କରୁଥିଲେ ବି ଏହା ଉପରେ କିଭଳି କାହାରି ନଜର ପଡୁନି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଟିଁକିରି ମୁଖ୍ୟରାସ୍ତା କଡରେ ଦୋକାନୀମାନେ କ୍ୟାବିନ୍ ପକାଇ ଆଗରେ ଥିବା ଡ୍ରେନ୍ ଉପରେ ସିମେଣ୍ଟ ପ୍ଲେଟ୍ ପକାଇ ଦେଉଛନ୍ତି। ଫଳରେ ଅଳ୍ପ ବର୍ଷା ହେଲେ ଡ୍ରେନରୁ ପାଣି ବାହାରି ରୋଡ ଉପରେ ଭାସୁଛି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଡ୍ରେନ୍ ନିର୍ମାଣ ହେଉଥିଲେ ବି ସଫେଇ ଅଭାବରୁ ଡ୍ରେନଗୁଡିକ ପୋତିହୋଇଯାଉଛି। ଅନ୍ୟପକ୍ଷେ ଅଳିଆ ବୋହିବା ପାଇଁ ଯେଉଁ ସାଇକେଲ ଆ ସି ଥି ଲ । ତାହା ଏବେ ଟିଁକିରି ପଞ୍ଚାୟତ ପରିସରରେ ପଡ଼ି ଖତ ଖାଉଥିବା ଦେଖିବାକୁ ମିଳିଛି। ଟିଁକିରି ଅଞ୍ଚଳର ମୁଖ୍ୟରାସ୍ତା ଡ୍ରେନ୍ ଯଦି ମାସକୁ ଥରେ ସଫେଇ ହୁଅନ୍ତା ତେବେ, ବର୍ଷାଦିନ ଆସିଲେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଟିଁକିରି ପଞ୍ଚାୟତ ସରପଞ୍ଚ ଜଗବନ୍ଧୁ ମାଝିଙ୍କୁ ପଚାରିବାରୁ ଏ ନେଇ ବ୍ଲକ୍ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସେ କହିଥିଲେ।



# ୧୫୦ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ

ଟିଁକିରି,୨୫।୬ (ପ୍ରଫୁଲ୍ଲ କୁମାର ବେହେରା)

**ମାଣ୍ଡିବିଶିରେ ଆଦିବାସୀ ଖାଦ୍ୟ ମେଳା**

ଆଦିବାସୀମାନେ ଗରିବ ନୁହନ୍ତି। ଆଦିବାସୀଙ୍କ ପାଖରେ ଏକ ବିଶାଳ ଖାଦ୍ୟର ଭଣ୍ଡାର ରହିଛି। ୩୦ରୁ ଅଧିକ ପ୍ରକାର ଶାଗ, ୨୫ ପ୍ରକାର କନ୍ଦା, ୨୦ ପ୍ରକାର ଛତୁ ଆମେ ଜଙ୍ଗଲରୁ ପାଉଛୁ। ଆମ ଡଙ୍ଗରରୁ ଆମେ ମାଣ୍ଡିଆ, କୋଶଲା, କାଂଗୁ, ସୁଆଁ, କାନ୍ଦୁଲ, ଝୁଡୁଙ୍ଗ, କଟିଙ୍ଗ ଆଦି କେତେ ପ୍ରକାର ଖାଦ୍ୟ ପାଉଛୁ। ଆମ ଖାଦ୍ୟ ବିବିଧତା ଆମର ସ୍ୱାଭିମାନ, ଆମର ଗର୍ବ ବୋଲି ମାଣ୍ଡିବିଶିଠାରେ ଲିଭିଙ୍ଗ ଫାର୍ମସ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଆଦିବାସୀ ଖାଦ୍ୟମେଳାରେ ଯୋଗଦେଇ ଆଦିବାସୀ ମା'ମାନେ ପ୍ରକାଶ କରିଛନ୍ତି।

ସୁଙ୍ଗେର, ସଙ୍କରଡ଼ା, ମାଣ୍ଡିବିଶୀ, ସିରିପାଇ, ଆଦାଯୋର୍, ସିନ୍ଦୁରଘାଟି ଆଦି ପଞ୍ଚାୟତର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ଖାଦ୍ୟ ମେଳାରେ ଯୋଗଦେଇଥିଲେ। ୧୫୦ରୁ ଅଧିକ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଲିଭିଂ ଫାର୍ମସ ଅନୁଷ୍ଠାନର କ୍ଲଷ୍ଟର ସଂଯୋଜକ ଜଗନ୍ନାଥ ମାଝୀ ଖାଦ୍ୟ ମେଳାକୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ହରେଶ ପୃଷ୍ଟି, ବିଚିତ୍ର ବିଶାଳ, ପ୍ରକଳ୍ପ ସଂଯୋଜକ ଅନୀଲ ଲିମା, ଜଗନ୍ନାଥ ସେଠି, ସୁକାନ୍ତ ନାୟକ, ଦାପ୍ତା ଅନୁଷ୍ଠାନର ରାଜୁ ଶର୍ମା, ଲେକ ଗାର୍ଡେନର ରମାକାନ୍ତ ଜେନା, କାଶିପୁରର ଖବରଦାତା ସରୋଜ ମଣ୍ଡଳ ଆଦି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି କଣ୍ଟାମାଳ ଗ୍ରାମର ରଣୀଦେଈ ମାଝୀ ଓ କଲାକନି ଗ୍ରାମର ତିଳାଦେଈ ମାଝୀ କହିଥିଲେ ଯେ, ଯେ ଆମ ଅଞ୍ଚଳର ଖାଦ୍ୟ ବିବିଧତାକୁ ଆମକୁ ରକ୍ଷା କରିବାକୁ ହେବ। ଏବେ ଆମର ବୁଡିଯାଇଥିବା ବିହନକୁ ଆମକୁ ଫେରେଇ ଆଣିବାକୁ ହେବ। ଏହାଦ୍ୱାରା ଆମ ଖାଦ୍ୟ ସୁରକ୍ଷା ହେବା ସହିତ ଆମ ପୁଷ୍ଟିର ବି ଉନ୍ନତି ହୋଇପାରିବ। ଏଥିସହିତ ସେମାନେ କହିଥିଲେ ଯେ, ଆମେ ସିନା ଲେଖାପଢା ଶିଖିନୁ, କିନ୍ତୁ ଖାଦ୍ୟ ଅମଳ କରିବାର କୌଶଳ ଓ ଜ୍ଞାନ ଆମକୁ ଜଣା ଅଛି। ଆଜିର ଖଦ୍ୟମେଳାର ଉଦ୍ଦେଶ୍ୟ ହେଉଛି ଆମ ପରବର୍ତ୍ତୀ ପିଢ଼ିକୁ ଆମ ଖାଦ୍ୟ ବିବିଧତା ଓ ଆମ ପରମ୍ପରା ସମ୍ବନ୍ଧରେ ଶିକ୍ଷା ଦେବା। ଆମେ ଆମ ଜଙ୍ଗଲ ଓ ଫସଲ ବିବିଧତାକୁ ସୁରକ୍ଷା ଦେବାକୁ ଆମେ ଶପଥ ନେଉଛୁ ଓ ଏହିପରି ଭାବେ ହିଁ ଆମର ଖାଦ୍ୟ ସୁରକ୍ଷା ନିଶ୍ଚିତ ହୋଇପାରିବ ବୋଲି ମା'ମାନେ ଖାଦ୍ୟ ମେଳାରେ ପ୍ରକାଶ କରିଥିଲେ। ସନ୍ତୋଷ ନାୟକ, ତ୍ରିଲୋଚନ ଶବର, ବେଣୁଧର ମାଝୀ, କାର୍ତ୍ତିକ, ପ୍ରିୟତମା ନାୟକ, ଲଳିତା ନାୟକ, ପବିତ୍ର ନେମାଲପୁରି, ସନ୍ତୋଷ ମାଝୀ, ପ୍ରଭାକର ମାଝୀ ଆଦି ଖାଦ୍ୟମେଳା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ହଷ୍ଟେଲ ଛାତରୁ ଗଳୁଛି ପାଣି

ଚିତ୍ରକୋଣ୍ଡା,୨୫।୬(କ୍ଷୀରୋଦ ବେହେରା)

**ପଣଷପୁଟ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ**

ଆନ୍ଧ୍ର ଓଡିଶା ସୀମାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସ୍ୱାଭିମାନ ଅଞ୍ଚଳ ପଣଷପୁଟ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ଛାତରୁ ବର୍ଷରେ ପାଣି ଗଳୁଛି। ଫଳରେ ପିଲମାନେ ହନ୍ତସନ୍ତ ହେଉଛନ୍ତି। ପଣଷପୁଟ ପଞ୍ଚାୟତ ସଦର ମହକୁମାରେ ପଣଷପୁଟ ସରକାରୀ ବିଦ୍ୟାଳୟ ୧୯୬୩ ମସିହାରୁ ମଙ୍ଗଳ ବିଭାଗ ଅଧିନରେ ରହିଛି। ନିକଟରେ ୫-ଟି ଅଧିନରେ ସ୍କୁଲ ରୂପାନ୍ତରଣ କରାଯାଇ ଥିବା ବେଳେ ହଷ୍ଟେଲ ଗୃହ ଅବସ୍ଥା ଶୋଚନୀୟ ହୋଇପଡିଛି। ଏଠାରେ ପ୍ରଥମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ହଷ୍ଟେଲରେ ରହି ପାଠ ପଢ଼ିବା ବ୍ୟବସ୍ଥା ଥିବା ବେଳେ ସେମାନଙ୍କ ରହିବା ଘରଗୁଡ଼ିକରେ ଏବେ ବର୍ଷା ପାଣି ଭର୍ତ୍ତି ହୋଇଛି। କୌଣସି ଗୋଟିଏ ବି ଘର ଠିକ୍ ନାହିଁ। ସବୁ ଘର ଗୁଡ଼ିକ ଛାତରୁ ଅନବରତ ପାଣି ଗଳୁଥିବା ବେଳେ ସିମେଣ୍ଟ ଖଣ୍ଡ ସବୁ ଖସିବାରେ ଲାଗିଛି। ବର୍ତ୍ତମାନ ଛାତ୍ରୀ ମାନେ କୋଉଠି ରହିବେ ଏବଂ କିଭଳି ପଢିବେ ଅଭିଭାବକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ସ୍ୱାଭିମାନ ଅଞ୍ଚଳର ବିକାଶରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଉଥିବା ବେଳେ ଏଠାର ଚିତ୍ର କିନ୍ତୁ ଏଭଳି ଦେଖିବାକୁ ମିଳିଛି ।

ଜିଲା ପ୍ରଶାସନ ତୁରନ୍ତ ସ୍କୁଲ ଉପରେ ଦୃଷ୍ଟି ଦେଇ ଏହାର ସମାଧାନ କରିବାରେ ସହୋଯୋଗ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ଯଦି ସ୍କୁଲର ଏଭଳି ଅବସ୍ଥା ଦୂର କରାନଯାଏ ଅନେକ ପିଲା ପାଠ ପଢ଼ାରେ ଅସୁବିଧା ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଉଛି। ୫-ଟିରେ ବିଦ୍ୟାଳୟ କାର୍ଯ୍ୟ ଚାଲୁଥିବା ସମୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ ଅଜିତ ମାଡ଼କାମୀ। ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଛାତରୁ ହଷ୍ଟେଲ ଛାତରୁ ପାଣି ଗଳୁଛି ବୋଲି କହିଥିଲେ। ୫-ଟି କାର୍ଯ୍ୟ କଲାବେଳେ ଛାତ ଛାତ ମରାମତି କଥା ଉଠାଇଥିଲୁ । ମାତ୍ର ସେ ଉକ୍ତ କାମରେ ହୋଇପାରିବ ନାହିଁ ବୋଲି କହିଥିଲେ।



ଛାତରୁ ପାଣି ଗଳି ଘରେ ଜମା ହୋଇଛି ।

